ସ୍ୱାଗତଂ ଓଡ଼ିଶା

R.N.I. Regd. No. ODIODI/2020/78914
P.O. Regd. No. : BN/290/23-25

# ଡୁମାଣୀ ଖବର

Dumani Khabar (Odia Daily)

Visit us: www.dumanikhabar.in • e-paper.dumanikhabar.in

DUMANI TV — Follow us: Facebook YouTube Twitter

ବର୍ଷ-୬ | ସଂଖ୍ୟା-୯୬ | ଶନିବାର | ୨୮ ଜୁନ୍ ୨୦୨୫ | ଭୁବନେଶ୍ୱର | ପୃଷ୍ଠା ସଂଖ୍ୟା-୮ | ମୂଲ୍ୟ : ୨.୦୦ | Vol-6 | Issue-96 | Saturday | 28 June 2025 | Bhubaneswar | Pages-8 | Rs. 2.00


# ବାଟରେ ଅଟକିଲା ରଥ: ଆଜି ସକାଳ ସାଢ଼େ ୯ ଟାରେ ରଥ ଟଣା





ପୁରୀ, ୨୭।୬ (ଡିକେ ନ୍ୟୁଜ): ପ୍ରବଳ ଉତ୍ସାହ ଉଦ୍ଦୀପନା ମଧ୍ୟରେ ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ଆରମ୍ଭ ହୋଇଛି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ଶ୍ରୀମନ୍ଦିର ରତ୍ନବେଦୀ ଛାଡ଼ି ଗୁଣ୍ଡିଚା ମନ୍ଦିର ଜନ୍ମବେଦୀ ଅଭିମୁଖେ ନବଦିନ ଯାତ୍ରାରେ ବାହାରିଛନ୍ତି ମହାବାହୁ। ମହାପ୍ରଭୁଙ୍କ ଆଗମନରେ ଧନ୍ୟ ହୋଇଛି ବଡଦାଣ୍ଡ। ଜନସମୁଦ୍ରରେ ପରିଣତ ହୋଇଛି ଶ୍ରୀକ୍ଷେତ୍ର। ବଡଦାଣ୍ଡରେ ଭକ୍ତ ଭଗବାନଙ୍କର ହୋଇଛି ମିଳନ। ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇଛି ବଡଦାଣ୍ଡ। ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ରଥାରୁଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରି ନିଜକୁ କୃତାର୍ଥ ମନେ କରିଛନ୍ତି। ସମଗ୍ର ଶ୍ରୀକ୍ଷେତ୍ରରେ ସୃଷ୍ଟି ହୋଇଛି। ଆଧ୍ୟାତ୍ମିକ ପରିବେଶ। ଚଳତବର୍ଷ ରଥଯାତ୍ରା ପାଇଁ ଡ୍ରୋନର ସହାୟତା ନିଆଯାଇଥିବା ବେଳେ ଜଳ, ସ୍ଥଳ ଓ ଆକାଶ ମାର୍ଗରେ ହୋଇଥିଲା ଅଭୁତ ପୂର୍ବ ସୁରକ୍ଷା ବ୍ୟବସ୍ଥା। ଇଣ୍ଟେଗ୍ରେଟେଡ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ରୁମ ସାଙ୍ଗକୁ ଏଆଇ କ୍ୟାମେରା ନଜରରେ ରହିଥିଲା ଶ୍ରୀକ୍ଷେତ୍ର। ତେବେ ରଥଟଣା ଶେଷ ହେବା ସୁଦ୍ଧା ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ ରଥ ବଳଗଣ୍ଡି ଛକରେ ଅଟକିରହିଛି। ସେହିପରି ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ଟାଉନ୍ ଥାନା ନିକଟସ୍ଥ ମରିଚିକୋଟ ନିକଟରେ ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥ ଚହାଣି ମଣ୍ଡପ ଠାରୁ ସ୍ୱଳ୍ପ ଦୂରକୁ ଯାଇ ଅଟକି ରହିଛି। ଶନିବାର ପୂର୍ବାହ୍ନ ସାଢେ ୯ଟାରେ ରଥ ଗୁଡ଼ିକୁ ଟଣାଯାଇ ଗୁଣ୍ଡିଚାମନ୍ଦିର ନିକଟକୁ ଯିବ। ପୂର୍ବ ନିର୍ଦ୍ଧାରିତ ନୀତି ନିର୍ଘଣ୍ଟର ୫୦ ମିନିଟ ବିଳମ୍ବରେ ଅର୍ଥାତ ପୂର୍ବାହ୍ନ ୧୦ଟା ୨୦ ମହାପ୍ରଭୁଙ୍କ ପହଣ୍ଡି ହୋଇଥିଲେ ମଧ୍ୟ ନିର୍ଦ୍ଧାରିତ ସମୟରେ ଶେଷ ହୋଇଥିଲା। ଝିପି ଝିପି ବର୍ଷାରେ ପ୍ରଥମେ ଚକ୍ରରାଜ ସୁଦର୍ଶନ ପହଣ୍ଡି ବିଜେ ହୋଇ ଆସି ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥରେ ବିରାଜମାନ କରିଥିଲେ। ଧାଡ଼ି ପହଣ୍ଡିରେ ଆସୁଥିବା ଚତୁର୍ଦ୍ଧାମୂର୍ତ୍ତି ସାତପାହାଚରେ ପହଞ୍ଚିବା ପରେ ରାଘବଦାସ ମଠ ପକ୍ଷରୁ ଯୋଗାଇ ଦିଆଯାଇଥିବା ଟାହିଆ ଲାଗି କରାଯାଇଥିଲା। କେତେକ ନିର୍ଦ୍ଦିଷ୍ଟ ମଠ ପକ୍ଷରୁ ପନ୍ତି ଭୋଗ, ଚାମର ଓ ଆଲଟ ସେବା କରାଯାଇଥିଲା। ପରେ ଟାହିଆର ଦୋଳନ ମଧ୍ୟରେ ପ୍ରଭୁ ବଳଭଦ୍ର ପରେ ଦେବୀ ସୁଭଦ୍ରା ଓ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଧାଡ଼ି ପହଣ୍ଡି ବିଜେ ହୋଇ ରଥାରୁଢ଼ ହୋଇଥିଲେ। ଅନୁକୂଳ ପାଗସାଙ୍ଗକୁ ପହଣ୍ଡି ସମୟରେ ଶ୍ରାଦ୍ଧକୁମାନଙ୍କ ଜୟ ଜଗନ୍ନାଥ ଧ୍ୱନି, ଘଣ୍ଟ ଘଣ୍ଟା କାହାଳୀର ନିନାଦ ସାଙ୍ଗକୁ ବାନଟି, ଗୋଟି ପୁଅ ତଥା ଓଡିଶୀନୃତ୍ୟ ସୃଷ୍ଟି କରିଥିଲା ଭାବ ଉଦ୍ଦୀପକ ପରିବେଶ। ଶ୍ରୀଜିଉମାନେ ରଥାରୁଢ଼ ହେବା ପରେ ପ୍ରଭୁବଳଭଦ୍ରଙ୍କ ରଥରେ ରାମକୃଷ୍ଣ ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥରେ ଚଳନ୍ତି ପ୍ରତିମା ମଦନ ମୋହନ ବିଜେ କରିଥିଲେ। ରଥାରୁଢ଼ ହେବା ପରେ ବିଗ୍ରହମାନଙ୍କୁ ରୁନ୍ଧା ଯାଇଥିଲା। ଗୋବର୍ଦ୍ଧନପୀଠାଧୀସ ଜଗତଗୁରୁ ଶଙ୍କରାଚାର୍ଯ୍ୟ ନିଶ୍ଚଳନନ୍ଦ ସରସ୍ୱତୀ ତାଙ୍କର ୬ ଜଣ ଶିଷ୍ୟଙ୍କ ସହିତ ରଥ ଉପରକୁ ଯାଇ ଦାରୁବିଗ୍ରହଙ୍କ ଦର୍ଶନ କରିଥିଲେ। ପରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଏକ ସୁସଜ୍ଜିତ ମେହନାରେ ଶ୍ରୀନଅରରୁ ଆସି ପ୍ରଥମେ ବଳଭଦ୍ର, ପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥରେ ଓ ଶେଷରେ ଦେବୀ ସୁଭଦ୍ରାଙ୍କ ରଥରେ ଛେରା ପହଁରା କରି ଫେରିଯାଇଥିଲେ। ଏହାପରେ ରଥରେ ସାରଥୀ ଓ ଘୋଡ଼ା ଯୋଚିଯାଇ ଚାରମାଳ ଖୋଲାଯାଇଥିଲା। ନିତୀ ନିର୍ଘଣ୍ଟ ବିଳମ୍ବିରେ ପହଣ୍ଡି ଆରମ୍ଭ ହୋଇଥିଲେ ମଧ୍ୟ ନିର୍ଦ୍ଧାରିତ ସମୟର ମାତ୍ର ୧୦ ମିନିଟ ପରେ ଅର୍ଥାତ ଅପରାହ୍ନ ୪ଟା ୧୦ରେ ରଥଟଣା ଆରମ୍ଭ ହୋଇଥିଲା। ପ୍ରଥମେ ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ ପରେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ଓ • ପୃଷ୍ଠା ୭ ଦେଖନ୍ତୁ...



## ରଥ ଟାଣିଲେ ମୁଖ୍ୟମନ୍ତ୍ରୀ



ପୁରୀ, ୨୭।୬ (ଡିକେ ନ୍ୟୁଜ୍): ବିଶ୍ୱ ପ୍ରସିଦ୍ଧ ରଥ ଯାତ୍ରା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ରଥ ଟାଣିଥିଲେ। ଏଥି ସହିତ ଓଡ଼ିଶା ପୋଲିସ ଆସୋସିଏସନ ପକ୍ଷରୁ ଟଙ୍କ ତୋରାଣି କରୁଣାର ଉଦଘାଟନ କରିଥିଲେ। ଭିଆଇପି ଓ ଭିଭିଆଇପିଙ୍କ ଭିଡ଼। ରାଜ୍ୟପାଳ ହରିବାବୁ କୁମ୍ଭମପାଟି, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉପମୁଖ୍ୟ ମନ୍ତ୍ରୀ ପ୍ରଭାତୀ ପରିଡା, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଆଇନ ମନ୍ତ୍ରୀ ପୃଥିରାଜ ହରି ଚନ୍ଦନ, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାୟକ, ବହୁ ବିଧାୟକ, ଆଡ ଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଓ ମୁଖ୍ୟ ଶାସନ ସଚିବଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଶୁକ୍ରବାର ମହାପ୍ରଭୁଙ୍କ ରଥ ଯାତ୍ରା ଦେଖିଥିଲେ। କର୍ଡ଼ନ ମଧ୍ୟରେ ଅସମ୍ଭବ ଭିଡ଼ ଚଳିତ ବର୍ଷ ରଥ ଯାତ୍ରା ପାଇଁ ଅଭୁତ ପୂର୍ବ ସୁରକ୍ଷା ବ୍ୟବସ୍ଥା ହୋଇଥିଲା। ଏଭଳି ସୁରକ୍ଷା ବ୍ୟବସ୍ଥା ଓ ଏତେ • ପୃଷ୍ଠା ୭ ଦେଖନ୍ତୁ...

# ଖୁବଶୀଘ୍ର ହୋଇପାରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚନ



ନୂଆଦିଲ୍ଲୀ, ୨୭।୬ (ହି.ସ): ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚନ ପାଇଁ ଆଉ ଏକ ପଦକ୍ଷେପ ନେଇଛି। ଶୁକ୍ରବାର (୨୭ ଜୁନ ୨୦୨୫) ତିନୋଟି ରାଜ୍ୟରେ ରାଜ୍ୟ ସଭାପତି ନିର୍ବାଚନ ପାଇଁ ଦଳ ରାଜ୍ୟ ନିର୍ବାଚନ ଅଧିକାରୀ ଘୋଷଣା କରିଛି। ଏପର୍ଯ୍ୟନ୍ତ, ଭାଜପା ୧୪ଟି ରାଜ୍ୟରେ ଏହାର ରାଜ୍ୟ ସଭାପତିଙ୍କ ନାମ ଘୋଷଣା କରିଛି। ଯେତେବେଳେ ଜାତୀୟ ସଭାପତି ନିର୍ବାଚନ ପାଇଁ, ୧୯ଟି ରାଜ୍ୟରେ ସଂଗଠନ ନିର୍ବାଚନ ପ୍ରକ୍ରିୟା ସମାପ୍ତ ହେବା ଆବଶ୍ୟକ। ତେବେ ଭାଜପାର ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ନିର୍ବାଚନ ଖୁବ ଶୀଘ୍ର ହୋଇପାରେ। ଶୁକ୍ରବାର ଭାଜପା ମହାରାଷ୍ଟ୍ରରେ କେନ୍ଦ୍ର ମନ୍ତ୍ରୀ କିରେନ ରିଜିଜୁ, ଉତ୍ତରାଖଣ୍ଡରେ କେନ୍ଦ୍ର ମନ୍ତ୍ରୀ ହର୍ଷ ମାଲହୋତ୍ରା ଏବଂ ପଶ୍ଚିମବଙ୍ଗରେ ରବି ଶଙ୍କର ପ୍ରସାଦଙ୍କୁ ରାଜ୍ୟ ନିର୍ବାଚନ ଅଧିକାରୀ ଭାବରେ ନିଯୁକ୍ତ କରିଛି। ଜାତୀୟ ରିଟର୍ଣ୍ଣିଂ ଅଧିକାରୀ ଡକ୍ଟର କେ ଲକ୍ଷ୍ମଣ ଏକ ଚିଠି ଜାରି କରି ତିନି ଜଣଙ୍କ ନାମ ଘୋଷଣା କରିଛନ୍ତି। ଏବେ ଏହି ତିନି ନେତା ଏହି ରାଜ୍ୟଗୁଡ଼ିକୁ ଯିବେ ଏବଂ ଏହି ତିନୋଟି ରାଜ୍ୟରେ ରାଜ୍ୟ ସଭାପତି ନିର୍ବାଚନ ପ୍ରକ୍ରିୟା ସମାପ୍ତ ହେବ, ଯାହା ପରେ ରାଜ୍ୟ ସଭାପତିଙ୍କ ନାମ ଘୋଷଣା କରାଯିବ। ଭାଜପାର ୧୯ଟି ରାଜ୍ୟରେ ସଂଗଠନ ନିର୍ବାଚନ ପରେ, ଜାତୀୟ ସଭାପତି ନିର୍ବାଚିତ ହେବେ, ଏହା ବିଶ୍ୱାସ କରାଯାଉଛି ଯେ ଆସନ୍ତା ମାସ ଆରମ୍ଭ ସୁଦ୍ଧା ଦଳ ଏହାର ଜାତୀୟ ସଭାପତି ନିର୍ବାଚନ ପାଇଁ ଆବଶ୍ୟକ ସମସ୍ତ ପ୍ରକ୍ରିୟା ସମାପ୍ତ କରିବ। ଅବଶିଷ୍ଟ ରାଜ୍ୟ ବିଷୟରେ କହିବାକୁ ଗଲେ, ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ, ଗୁଜରାଟ, ପଶ୍ଚିମବଙ୍ଗ, ଆନ୍ଧ୍ର ପ୍ରଦେଶ, ତେଲେଙ୍ଗାନା ଏବଂ ଉତ୍ତରାଖଣ୍ଡ ଭଳି ରାଜ୍ୟ ଅନ୍ତର୍ଭୁକ୍ତ। ଯେଉଁଠାରେ ଆସାମ, ସିକିମ, ବିହାର, ଅରୁଣାଚଳ, ଚଣ୍ଡିଗଡ଼, ଛତିଶଗଡ଼, ଗୋଆ, କେରଳ, ଲକ୍ଷଦ୍ୱୀପ, ମେଘାଳୟ, ନାଗାଲାଣ୍ଡ, ରାଜସ୍ଥାନ ଏବଂ ଜମ୍ମୁ ଓ କଶ୍ମୀରରେ ରାଜ୍ୟ ସଭାପତି ନିର୍ବାଚନ ପ୍ରକ୍ରିୟା ସମାପ୍ତ ହୋଇଛି ଏବଂ ନୂତନ ରାଜ୍ୟ ସଭାପତି ଘୋଷଣା କରାଯାଇଛି। ୧୯୮୦ ମସିହାରେ ଭାଜପା ପ୍ରତିଷ୍ଠା ହୋଇଥିଲା, ଯାହା ଆଜି ଦେଶର ସବୁଠାରୁ ବଡ଼ ଦଳ। ଏହି ଦଳ ୨୦୧୪ ଏବଂ ୨୦୧୯ରେ ନିରଙ୍କୁଶ ବହୁମତ ହାସଲ କରି କେନ୍ଦ୍ରରେ ସରକାର ଗଠନ କରିଥିଲା। ତଥାପି, ୨୦୨୪ ଲୋକ ସଭା ନିର୍ବାଚନରେ ଏହା ବହୁମତର ଯାଦୁକରୀ ସଂଖ୍ୟାଠାରୁ ପଛରେ ପଡ଼ିଗଲା।

## ଗତ ୧୧ ବର୍ଷ ମଧ୍ୟରେ ଓଡ଼ିଶାରେ ରେଳ ଭିତ୍ତିଭୂମି ବିକାଶ ଉପରେ ଆଲୋକପାତ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୨୭।୬ (ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ୧୧ ବର୍ଷ ମଧ୍ୟରେ ଓଡ଼ିଶାର ରେଳ ଭିତ୍ତିଭୂମିର ବିକାଶ ଉପରେ ଶୁକ୍ରବାର ଆଲୋକପାତ କରିଛନ୍ତି। ସେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଏକ ସ୍ତମ୍ଭ ସମ୍ପର୍କରେ ଉଲ୍ଲେଖ କରି ଭାରତୀୟ ରେଳ ଯାତ୍ରା କିପରି ସହଜ ହୋଇଛି ତାହାର ଅବତାରଣା କରିଛନ୍ତି। ବିଶେଷକରି ପବିତ୍ର ଶ୍ରୀ ଜଗନ୍ନାଥଙ୍କ ଧାମ ପୁରୀକୁ ଆସୁଥିବା ତୀର୍ଥଯାତ୍ରୀଙ୍କ ପାଇଁ ଯାତ୍ରାକୁ ସହଜ କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ଏକ୍ସ ହ୍ୟାଣ୍ଡେଲରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ ଲେଖିଛନ୍ତି ‘ଓଡ଼ିଶାର ରେଳ ଭିତ୍ତିଭୂମିର ବିକାଶ ପାଇଁ ଗତ ୧୧ ବର୍ଷ ବାସ୍ତବରେ ଐତିହାସିକ। ଭାରତୀୟ ରେଳ ଯାତ୍ରା କିପରି ସହଜ ହୋଇଛି, ବିଶେଷକରି ରଥଯାତ୍ରା ଦେଖିବା ପାଇଁ ମହାପ୍ରଭୁଙ୍କ ଧାମ ପବିତ୍ର ନଗରୀ ଜଗନ୍ନାଥ ପୁରୀକୁ ଆସୁଥିବା ତୀର୍ଥଯାତ୍ରୀମାନଙ୍କ ଲାଗି ଏହାକୁ କିପରି ସୁଗମ କରାଯାଇଛି ସେ ବିଷୟରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଲେଖିଛନ୍ତି।






## ଝରିଗାଁ କାର୍ ଦୁର୍ଘଟଣା, ମୃତ୍ୟୁ ସଂଖ୍ୟା ୩କୁ ବୃଦ୍ଧି



ଝରିଗାଁ, ୨୭।୬ (ହି.ସ): ନବରଙ୍ଗପୁର ଜିଲ୍ଲା ଝରିଗାଁ ଥାନା ଅନ୍ତର୍ଗତ ଝରିଗାଁ-ଡ଼ାବୁଗାଁ ମୁଖ୍ୟ ରାସ୍ତାରେ ଥିବା ଡାଇନିଗୁଡ଼ା ଗ୍ରାମ ନିକଟରେ ରାସ୍ତା କଡ଼ରେ ଥିବା ଗଛରେ ପିଟି ହୋଇଥିଲା। ଘଟଣାସ୍ଥଳରେ ଦୁଇ ଭାଇଙ୍କ ମୃତ୍ୟୁ ହୋଇଥିବା ବେଳେ ସମ୍ପର୍କୀୟ ଭାଇ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଅଧିକ ଚିକିତ୍ସା ପାଇଁ ବିଶାଖାପାଟଣା ନେଉଥିବା ସମୟରେ ସାଲୁର ନିକଟରେ ଯୁବକଙ୍କ ମୃତ୍ୟୁ ହୋଇଥିଲା। ସୂଚନା ମୁତାବକ, ଝରିଗାଁ ସିରାଗୁଡା ସାହିର ଚମ୍ପକ ଲାଲ ଜୈନଙ୍କ ପୁଅ ସାଗର ଜୈନ (୨୧ ବର୍ଷ) ସ୍ୱର୍ଗତ ମହାବୀର ଜୈନଙ୍କ ପୁଅ ଅଙ୍କୁର ଜୈନ (୩୦ ବର୍ଷ) ଏବଂ ମନମୋହନ ଜୈନଙ୍କ ପୁଅ କ୍ରିସ ଜୈନ (୧୮ ବର୍ଷ) ଗୁରୁବାର ସନ୍ଧ୍ୟା ସମୟରେ କୌଣସି କାମରେ ଏକ କାର୍ ଯୋଗେ ଫୁପୁଗାଁ ରାସ୍ତାରେ ଯାଉଥିଲେ। ତେବେ ଡାଇନିଗୁଡ଼ା ଗ୍ରାମ ନିକଟରେ ଗାଡି ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ତେନ୍ତୁଳି ଗଛ ଏବଂ ଆମ୍ବ ଗଛ ସହ ଧକ୍କା ହୋଇଥିଲା। ଫଳରେ ଘଟଣା ସ୍ଥଳରେ ସାଗର ଜୈନ ଏବଂ ଅଙ୍କୁର ଜୈନଙ୍କ ମୃତ୍ୟୁ ହୋଇଥିବା ବେଳେ କ୍ରିସ ଜୈନ ଗୁରୁତର ଆହତ ହୋଇଥିଲେ। ଦୁର୍ଘଟଣା ପରେ ଝରିଗାଁ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ସାଗର ଜୈନ ଏବଂ ଅଙ୍କୁର ଜୈନଙ୍କୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ କ୍ରିସ ଜୈନଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବା ଅବସ୍ଥାରେ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ପରୀକ୍ଷା କରି ତୁରନ୍ତ ବିଶାଖାପାଟଣା ନେବା ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ଶୁକ୍ରବାର ଭୋର ୪ଟାରେ ବିଶାଖାପାଟଣା ସ୍ଥାନାନ୍ତର ହେବା ବେଳେ ବାଟରେ ହିଁ କ୍ରିସ୍ ଜୈନଙ୍କ ମୃତ୍ୟୁ ହୋଇଥିଲା। ଗୋଟିଏ ପରିବାରର ଦୁଇ ଭାଇ ଏବଂ ନିଜ ସମ୍ପର୍କୀୟ ଭାଇ ମର୍ମାନ୍ତୁତ କାର୍ • ପୃଷ୍ଠା ୭ ଦେଖନ୍ତୁ...

## ବିଶ୍ୱର ଶ୍ରେଷ୍ଠ ସାଂସ୍କୃତିକ ମହୋତ୍ସବ ଘୋଷଯାତ୍ରା

# ଭକ୍ତି ଓ ଭାବାବେଗର ଉତ୍ସବରେ ରାଷ୍ଟ୍ରପତି-ପ୍ରଧାନମନ୍ତ୍ରୀଙ୍କ ଶୁଭେଚ୍ଛା

ନୂଆଦିଲ୍ଲୀ/ଭୁବନେଶ୍ୱର, ୨୭।୬ (ହି.ସ): ଶୁକ୍ରବାର ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା। ବିଶ୍ୱର ଶ୍ରେଷ୍ଠ ସାଂସ୍କୃତିକ ମହୋତ୍ସବ ମଧ୍ୟରୁ ଗୋଟିଏ। ବ୍ୟାକୁଳ ଭକ୍ତ ମନ। ଅପେକ୍ଷାରେ ରଥ। ବଡ଼ଦାଣ୍ଡରେ ଭକ୍ତିମୟ ପରିବେଶ। ରତ୍ନବେଦୀ ଛାଡ଼ି ଜନ୍ମବେଦୀକୁ ନବ ଦିନାତ୍ମକ ଯାତ୍ରା କରିବେ ବ୍ରହ୍ମାଣ୍ଡପତି। କାଳିଆ ସାଆନ୍ତେଙ୍କ ପାଇଁ ସବୁଠୁ ଉତ୍ସାହ, ଉତ୍କଣ୍ଠା। ପବିତ୍ର ରଥଯାତ୍ରା ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ରଥଯାତ୍ରା ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ସେ କହିଛନ୍ତି, ‘ପବିତ୍ର ରଥଯାତ୍ରା ଉପଲକ୍ଷେ ମୁଁ ଦେଶ-ବିଦେଶରେ ରହୁଥିବା ମହାପ୍ରଭୁ ଜଗନ୍ନାଥଙ୍କ ଭକ୍ତଗଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି। ରଥ ଉପରେ ବିଜେ ବଡ଼ଠାକୁର ବଳଭଦ୍ର, ମହାପ୍ରଭୁ ଶ୍ରୀଜଗନ୍ନାଥ, ଦେବୀ ସୁଭଦ୍ରା ଓ ଚକ୍ରରାଜ ସୁଦର୍ଶନଙ୍କୁ ଦର୍ଶନ କରି ଲକ୍ଷ ଲକ୍ଷ ଭକ୍ତ ଦିବ୍ୟ ଅନୁଭୂତି ଲାଭ କରିଥାନ୍ତି। ଶ୍ରୀଜୀଉମାନଙ୍କ ମାନବୀୟ ଲୀଳା ହିଁ ରଥଯାତ୍ରାର ବିଶେଷତ୍ୱ। ସାରା ପୃଥିବୀରେ ଶାନ୍ତି, ମୈତ୍ରୀ ଓ ସଂପ୍ରୀତି ଅବ୍ୟାହତ ରହୁ, ଏହି ପୁଣ୍ୟ ଅବସରରେ ଏହା ମୋର ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା।’ ପବିତ୍ର ରଥଯାତ୍ରା ଉପଲକ୍ଷେ ମୁଁ ଦେଶ-ବିଦେଶରେ ରହୁଥିବା ମହାପ୍ରଭୁ ଜଗନ୍ନାଥଙ୍କ ଭକ୍ତଗଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି। ରଥ ଉପରେ ବିଜେ ବଡ଼ଠାକୁର ବଳଭଦ୍ର, ମହାପ୍ରଭୁ ଶ୍ରୀଜଗନ୍ନାଥ, ଦେବୀ ସୁଭଦ୍ରା ଓ ଚକ୍ରରାଜ ସୁଦର୍ଶନଙ୍କୁ ଦର୍ଶନ କରି ଲକ୍ଷ ଲକ୍ଷ ଭକ୍ତ ଦିବ୍ୟ ଅନୁଭୂତି ଲାଭ କରିଥାନ୍ତି। ଶ୍ରୀଜୀଉମାନଙ୍କ ମାନବୀୟ ଲୀଳା ହିଁ... ପବିତ୍ର ରଥଯାତ୍ରା ଅବସରର ଶୁଭେଚ୍ଛା ଜଣାଇ ମହାପ୍ରଭୁ କହିଛନ୍ତି, ‘ପବିତ୍ର ରଥଯାତ୍ରା ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା। ଶ୍ରଦ୍ଧା ଓ ଭକ୍ତିର ଏହି ପବିତ୍ର ଉତ୍ସବ ସମସ୍ତଙ୍କ ଜୀବନରେ ସୁଖ, ସମୃଦ୍ଧି ଭରି ଦେଉ ଏତିକି କାମନା। ଜୟ ଜଗନ୍ନାଥ।’ ତେବେ ପବିତ୍ର ରଥଯାତ୍ରା ଅବସରରେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ମହାପ୍ରଭୁଙ୍କ ଆଶୀର୍ବାଦରେ ରାଜ୍ୟର ବିକାଶ ସହିତ ସମସ୍ତଙ୍କ ଜୀବନ ସୁଖ, ଶାନ୍ତି ଓ ସମୃଦ୍ଧିରେ ପରିପୂର୍ଣ୍ଣ ହେଉ ବୋଲି ମୁଖ୍ୟମନ୍ତ୍ରୀ ଏହି ଅବସରରେ କାମନା କରିଛନ୍ତି। ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଅବସରର ଶୁଭେଚ୍ଛା ଜଣାଇ ମୁଖ୍ୟମନ୍ତ୍ରୀ ମୋହନ ମାଝୀ କହିଛନ୍ତି, କୋଟି ଓଡ଼ିଆଙ୍କ ମଉଣମଣି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ଘୋଷଯାତ୍ରା ଅବସରରେ ରାଜ୍ୟର ସମସ୍ତ ଭାଇଭଉଣୀଙ୍କୁ ମୋର ଶୁଭେଚ୍ଛା। ରଥଯାତ୍ରା ଆମ ସମସ୍ତଙ୍କ ପାଇଁ ଆସୀମ ଭକ୍ତି ଓ ଭାବାବେଗର ଉତ୍ସବ। ମହାପ୍ରଭୁଙ୍କ ଆଶୀର୍ବାଦରେ ରାଜ୍ୟର ବିକାଶ ସହିତ ସମସ୍ତଙ୍କ ଜୀବନ ସୁଖ, ଶାନ୍ତି ଓ ସମୃଦ୍ଧିରେ ଭରିଉଠୁ। ଏହା ହିଁ ମୋର କାମନା। ବିଶ୍ୱାସ ଓ ଭକ୍ତିରେ ରଥଯାତ୍ରାରେ ସାମିଲ ହୁଅନ୍ତୁ। ପବିତ୍ର ଘୋଷଯାତ୍ରାର ଶୁଭେଚ୍ଛା ଜଣାଇଛନ୍ତି ରାଜ୍ୟପାଳ ହରି ବାବୁ କମ୍ଭମ୍ପତି। ସେ କହିଛନ୍ତି, ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଅବସରରେ ବିଶ୍ୱର କୋଣ-ଅନୁକୋଣରେ ଥିବା ଜଗନ୍ନାଥପ୍ରେମୀ ଭକ୍ତଜନଙ୍କୁ ଶୁଭେଚ୍ଛା ଜଣାଉଛି। ଶ୍ରୀଜଗନ୍ନାଥ ଚେତନା ଓ ଦର୍ଶନରେ ରହିଛି ମାନବ ଜାତିର ଉତ୍ଥାନର ମାର୍ଗ। ସମାଜରେ ଏହା ଶାନ୍ତି, ମୈତ୍ରୀ, ପ୍ରେମ ଓ ଭ୍ରାତୃଭାବ ପ୍ରତିଷ୍ଠାରେ ସହାୟକ ହେଉ ବୋଲି କାମନା କରୁଛି। ଘୋଷଯାତ୍ରା ଅବସରରେ ଶୁଭେଚ୍ଛା ଜଣାଇ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ କହିଛନ୍ତି, ‘ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାର ପବିତ୍ର ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା। ଶ୍ରୀଜଗନ୍ନାଥଙ୍କ ଆସ୍ଥା ଏବଂ ବିଶ୍ୱାସର ଏକ ଅନନ୍ୟ ସଙ୍ଗମ, ଯାହା ଭକ୍ତି, ସଂସ୍କୃତି ଏବଂ ଐତିହ୍ୟକୁ ଏକାଠି ସଂରକ୍ଷଣ କରି ଆଗକୁ ବଢ଼ିବା ଆମ ମୂଳ ତତ୍ତ୍ୱ ବୋଲି ଦର୍ଶାଏ। ମୁଁ ସମସ୍ତଙ୍କ କଲ୍ୟାଣ ଏବଂ ପ୍ରଗତି ପାଇଁ ମହାପ୍ରଭୁ ଜଗନ୍ନାଥ, ବୀର ବଳଭଦ୍ର ଏବଂ ମାତା ସୁଭଦ୍ରାଙ୍କ ନିକଟରେ ପ୍ରାର୍ଥନା କରୁଛି। ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାର ପବିତ୍ର ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା। ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଆସ୍ଥା ଏବଂ ବିଶ୍ୱାସର ଏକ ଅନନ୍ୟ ସଙ୍ଗମ, ଯାହା ଭକ୍ତି, ସଂସ୍କୃତି ଏବଂ ଐତିହ୍ୟକୁ ଏକାଠି ସଂରକ୍ଷଣ କରି ଆଗକୁ ବଢ଼ିବା ଆମ ମୂଳ ତତ୍ତ୍ୱ ବୋଲି ଦର୍ଶାଏ।




# ଜିନ୍ଦଲନଗରରେ ଭବ୍ୟ ରଥଯାତ୍ରା ପାଳିତ: ସାମିଲ ହେଲେ ହଜାର ହଜାର ଉତ୍ସାହୀ ଶ୍ରଦ୍ଧାଳୁ



**ଅନୁଗୁଳ, (ଡିକେ ନ୍ୟୁଜ୍):** ଦେବଭୂମି ଜିନ୍ଦଲନଗରରେ ପବିତ୍ର ଘୋଷଯାତ୍ରା ଉତ୍ସାହ ଓ ଆବେଗପୂର୍ଣ୍ଣ ବାତାବରଣ ମଧ୍ୟରେ ଆରମ୍ଭ ହୋଇଛି। ଏହି ଘୋଷଯାତ୍ରା ଦେଖିବାକୁ ଆଖପାଖ ଗ୍ରାମାଂଚଳ ଏବଂ ଅନୁଗୁଳରୁ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ସମାବେଶ ହୋଇଥିଲା । ତାଳଧ୍ୱଜ, ଦର୍ପଦଳନ ଏବଂ ନନ୍ଦିଘୋଷର ଭବ୍ୟ ସୁସଜ୍ଜିତ ରଥରେ ଯଥାକ୍ରମେ ମହାପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଏବଂ ମହାବାହୁ ଶ୍ରୀ ଜଗଗନ୍ନାଥ ଆସିନ ହୋଇ ଗୁଣ୍ଡିଚା ମନ୍ଦିର ଅଭିମୁଖେ ବାହାରିଥିଲେ ତୃତୀୟ ଥର ପାଇଁ କୁରୁକ୍ଷେତ୍ରରୁ ପ୍ରତିନିଧିତ୍ୱ କରୁଥିବା ସାଂସଦ ତଥା ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର (ଜେଏସପି)ର ଅଧକ୍ଷ ନବୀନ ଜିନ୍ଦଲ,ତାଙ୍କ ଧର୍ମ ପତୀ ତଥା ଜିନ୍ଦଲ ଫାଉଣ୍ଡେସନର ଚେୟାରମ୍ୟାନ୍ ଶାଲୁ ଜିନ୍ଦଲ ଏବଂ ତାଙ୍କ ମାତା ଓ.ପି. ଜିନ୍ଦଲ ଗ୍ରୁପର ସମ୍ମାନିତ ଅଧକ୍ଷା ତଥା ହରିୟାଣାର ହିସାର ବିଧାୟିକା ସାବିତ୍ରୀ ଜିନ୍ଦଲ ପ୍ରମୁଖ ରଥଯାତ୍ରାରେ ପ୍ରଧାନ ସେବକ ଭାବେ ଦାୟିତ୍ୱ ତୁଲାଇଥିଲେ । ନବୀନ ଜିନ୍ଦଲ ପହଣ୍ଡି କାର୍ଯ୍ୟକ୍ରମରେ ଭାଗ ନେବା ସହ ରଥରେ ସମର୍ଜନୀ ଧରି ଛେରା ପହଁରା କରିଥିଲେ। ଏ ଅବସରରେ ନବୀନ ଜିନ୍ଦଲ କହିଥିଲେ, ମୁଁ ସର୍ବଶକ୍ତିମାନଙ୍କ ନିକଟରେ ପ୍ରାର୍ଥନା କରୁଛି ଯେ, ସେ ଆମ ସମସ୍ତଙ୍କୁ ତାଙ୍କର ଦିବ୍ୟ ଆଶୀର୍ବାଦ ପ୍ରଦାନ କରନ୍ତୁ । ଏହା ଏଭଳି ଏକ ପର୍ବ ଯେଉଁଠାରେ ସମସ୍ତେ ସମାନ - ଧନୀ ଏବଂ ଗରିବଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ। ଆମେ ରଥ ଟାଣିବା ପାଇଁ ଏକାଠି ହୋଇ ବିଶ୍ୱର ନାଥ ପ୍ରଭୁ ଶ୍ରୀ ଜଗଗନ୍ନାଥଙ୍କ ଆଶୀର୍ବାଦ ଗ୍ରହଣ କରୁଥାଉ। ଜିନ୍ଦଲ ପରିବାର ପକ୍ଷରୁ, ମୁଁ ସମସ୍ତଙ୍କୁ ଏକ ଆନନ୍ଦଦାୟକ ଏବଂ ଆଶୀର୍ବାଦପୂର୍ଣ୍ଣ ରଥଯାତ୍ରା କାମନା କରୁଛି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ, ଶ୍ରୀ ଜିନ୍ଦଲ ପୁରୀରେ ଭକ୍ତମାନଙ୍କ ପାଇଁ ଜିନ୍ଦଲ ଫାଉଣ୍ଡେସନ ଦ୍ୱାରା ଚାଲିଥିବା ଗରମ ରନ୍ଧା ଖାଦ୍ୟ ଏବଂ ଥଣ୍ଡା ପାନୀୟ ଜଳ ସେବା ବିଷୟରେ ଉଲ୍ଲେଖ କରିଥିଲେ, ଯାହା ସୁନାବେଶ ପର୍ଯ୍ୟନ୍ତ ଜାରି ରହିବ। ଶ୍ରୀ ଜିନ୍ଦଲ କହିଥିଲେ, ଆମେ ୧୧ ବର୍ଷ ଧରି ଲଗାତାର ଜଗନ୍ନାଥ ଧାମ ପୁରୀରେ ଭକ୍ତଙ୍କ ସେବା କରିବାର ସୁଯୋଗ ପାଇଥିବାରୁ ସୌଭାଗ୍ୟବାନ ମନେ କରୁଛୁ। ରଥଟଣା ପୂର୍ବରୁ ସକାଳେ ମନ୍ଦିରରେ ନେତ୍ର ଲାଗି, ନବ ଯୌବନ ଦର୍ଶନ, ମଙ୍ଗଳ ଆରତୀ, ପହଣ୍ଡିବିଜେ ଆଦି ପାରମ୍ପରିକ ରୀତିନୀତି ଆୟୋଜିତ ହୋଇଥିଲା। ଜିନ୍ଦଲ ପରିବାରର ସଦସ୍ୟମାନେ ଦେବଭୂମିର ମୁଖ୍ୟ ସେବାୟତ ଶ୍ରୀକାନ୍ତ ଜୀଙ୍କ ତ□ତ୍ୱାବଧାନରେ ଭକ୍ତିଭାବ ସହ ସମସ୍ତ ନିତିକାନ୍ତି ତୁଲାଇଥିଲେ। ସବୁଠାରୁ ଆକର୍ଷଣର କେନ୍ଦ୍ର ଥିଲା କି ଦେବୀ ସୁଭଦ୍ରାଙ୍କ ପହଣ୍ଡି ଓ ରଥ ଟଣାରେ କେବଳ ମହିଳାମାନେ ନିୟୋଜିତ ହୋଇ ନୀତି ସମ୍ପର୍ଣ୍ଣ କରିଥିଲେ। କମ୍ପାନୀର ଅନୁଗୁଳ ମୁଖ୍ୟ ପଙ୍କଜ ମଲହାନ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ) ଦାମୋଦର ମିତଲ୍, ସେମାନଙ୍କ ପରିବାର ସଦସ୍ୟ ଏବଂ ଅନ୍ୟ କର୍ମଚାରୀମାନେ ଭକ୍ତି ଭାବରେ ରଥଯାତ୍ରା କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ସେମାନେ ସାଧାରଣ ଜନତା ଙ୍କ ସହ ମିଶି ରଥକୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଟାଣି ନେଇଥିଲେ। ରଥଯାତ୍ରାର ପ୍ରତ୍ୟକ୍ଷଦର୍ଶୀ ଧାରାବିବରଣୀ ଅଧିକରୁ ଅଧିକ ଲୋକଙ୍କ ପାଖରେ ପହଂଚାଇବା ପାଇଁ ୟୁଟ୍ୟୁବ୍ ମାଧ୍ୟମରେ କାର୍ଯ୍ୟକ୍ରମ ପ୍ରସାରଣ କରାଯାଇଥିଲା। ଜିନ୍ଦଲନଗରର ଏହି ଭବ୍ୟ ରଥଯାତ୍ରା ସମାରୋହ ଆସନ୍ତା ଜୁଲାଇ ୮ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଏହି ଦିନ ଶ୍ରୀ ଜୀଉ ମାନେ ଦେବଭୂମିର ରତ୍ନ ସିଂହାସନକୁ ଫେରିବେ। ରଥଯାତ୍ରା ଠାରୁ ବାହୁଡ଼ା ଯାତ୍ରା ପର୍ଯ୍ୟନ୍ତ ପ୍ରତିଦିନ ଜିନ୍ଦଲ ନଗରରେ କର୍ମଚାରୀ ଏବଂ ଅନ୍ୟଶ୍ରଦ୍ଧାଳୁ ମାନଙ୍କୁ ଅନ୍ନ ପ୍ରସାଦ ବିତରଣ କରାଯିବ।

## ଆଇଓସିଏଲ ପାରାଦୀପ ତୈଳ ବିଶୋଧନାଗାର ପକ୍ଷରୁ ରଥଯାତ୍ରା ମହୋତ୍ସବ ସମାରୋହରେ ପାଳିତ



**ପାରାଦୀପ, (ଡିକେ ନ୍ୟୁଜ):** ଆଇଓସିଏଲ ପାରାଦୀପ ତୈଳ ବିଶୋଧନାଗାର ଟାଉନସିପରେ ରଥଯାତ୍ରା ମହା ସମାରୋହରେ ପାଳିତ ହୋଇଯାଇଛି। ପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ଏବଂ ସୁଭଦ୍ରା ମା'ଙ୍କ ବାର୍ଷିକ ଆଗମନକୁ ଭକ୍ତମାନେ ଉତ୍ସାହ ଓ ଆନନ୍ଦ ସହିତ ପାଳନ କରିଥିଲେ ବାତାବରଣଟି ଭଜନ, ପାରମ୍ପରିକ ବାଦ୍ୟ ଯନ୍ତ୍ର ଏବଂ ସୁଗନ୍ଧିତ ଫୁଲର ସାଜସଜ୍ଜାରେ ପରିପୂର୍ଣ୍ଣ ହୋଇ ଆଧ୍ୟାତ୍ମିକତା ଏବଂ ଆନନ୍ଦର ପରିବେଶ ସୃଷ୍ଟି କରିଥିଲା। ଉତ୍ସବ ଅତ୍ୟନ୍ତ ମନୋରମ ସହିତ ଆୟୋଜିତ କରାଯାଇଥିଲା । ଏହି ପବିତ୍ର ରଥଯାତ୍ରା ପାରାଦୀପ ରିଫାଇନରୀର ମନ୍ଦିରରୁ ଆରମ୍ଭ ହୋଇଥିଲା, ଯାହାକି ରାସ୍ତାରେ ହଜାର ହଜାର ଲୋକଙ୍କୁ ଏକତ୍ରିତ କରିଥିଲା ଏକ ପାରମ୍ପାରିକ ମାର୍ଗ ଅନୁସରଣ କରି ସମସ୍ତ ଭକ୍ତମାନେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦିବ୍ୟ ଦର୍ଶନ ସହିତ ଆଶୀର୍ବାଦ ପ୍ରାପ୍ତ କରିଥିଲେ।

# ଭୁବନେଶ୍ୱର ଅଞ୍ଚଳରେ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ୫୮ତମ ଶାଖା ଖୋଲିଲା



**ଭୁବନେଶ୍ୱର, (ଡିକେ ନ୍ୟୁଜ୍):** ଅଗ୍ରଣୀ ରାଷ୍ଟ୍ରାୟତ୍ତ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ନୂତନ ଶାଖା ଗଞ୍ଜାମର ଛତ୍ରପୁରଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ନୂତନ ଶାଖାଟି ଗଞ୍ଜାମ ଜିଲ୍ଲାର ପଞ୍ଚମ ଏବଂ ରାଜ୍ୟର ୫୮ତମ ଶାଖା ଅଟେ। ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ଭୁବନେଶ୍ୱର ଅଞ୍ଚଳରେ ଏହାର ଉପସ୍ଥିତିକୁ ସୁଦୃଢ଼ କରିବା ସହ ଗ୍ରାହକଙ୍କ ନିକଟତର ହେବା ପାଇଁ ବିଭିନ୍ନ ଯୋଜନା ଘୋଷଣା କରିଛି। ଗଞ୍ଜାମ ଜିଲ୍ଲାର ଜିଲ୍ଲାପାଳ ଶ୍ରୀ ଦିବ୍ୟଜ୍ୟୋତି ପରିଡା ଏହି ନୂତନ ଶାଖାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଛତ୍ରପୁର ଉପ-ଜିଲ୍ଲାପାଳ ଡଃ. ଶିବାଶିଷ ବରାଳ, ଛତ୍ରପୁର ବିଡିଓ ଶ୍ରୀ ସମ୍ବିତ ସଂଗ୍ରାମଜିତ ସାହୁ, ଆଞ୍ଚଳିକ ପ୍ରବନ୍ଧକ ଶ୍ରୀ ଦିଲ୍ଲୀପ କୁମାର ରାଉଳ ଏବଂ ଶାଖା ପ୍ରବନ୍ଧକ ଶ୍ରୀ ଜିବିତେଷ ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ଆଞ୍ଚଳିକ ପ୍ରବନ୍ଧକ ଶ୍ରୀ ରାଉଳ ଭୁବନେଶ୍ୱରରେ ଶାଖା ସମ୍ପ୍ରସାରଣ ସମ୍ପର୍କରେ ନିଜର ମତ ରଖି ରାଜ୍ୟରେ ବ୍ୟବସାୟିକ ଅଭିବୃଦ୍ଧି ଓ ରଣନୀତିକ ପ୍ରାଧାନ୍ୟ ରଖୁଥିବା ଗଞ୍ଜାମ ଜିଲ୍ଲାରେ ଆଉ ଏକ ଶାଖା ଖୋଲାଯାଇଥିବାରୁ ସେ ଅତ୍ୟନ୍ତ ଖୁସି ବୋଲି କହିଛନ୍ତି। ଶାଖା ଏବଂ ଅନ୍ୟାନ୍ୟ ଚ୍ୟାନେଲଗୁଡ଼ିକର ଦ୍ରୁତ ବିସ୍ତାରିତ ନେଟ୍‌ୱର୍କ ମାଧ୍ୟମରେ ଗ୍ରାହକଙ୍କୁ ବ୍ୟାଙ୍କିଙ୍ଗ୍ ସେବା ଯୋଗାଇବାରେ ଏହା ସହଯୋଗ କରିବ ବୋଲି ସେ କହିଛନ୍ତି। ଏହା ଗ୍ରାହକ ସେବାକୁ ଅଧିକ ସୁଗମ କରିବା ସହ ଋଣ ବିତରଣରେ ଉନ୍ନତି ଆଣିବ ଏବଂ ଖୁଚୁରା, କୃଷି ଓ ଏମ୍ଏସ୍ଏମ୍ଇ କ୍ଷେତ୍ର ଗୁଡ଼ିକ ପାଇଁ ଟର୍ଣ୍ଣ ଆରାଉଣ୍ଡ୍ ଟାଇମ୍ (ଟିଏଟି) ହ୍ରାସ କରିବ ଯାହା ଦ୍ୱାରା ଗ୍ରାହକ ସନ୍ତୁଷ୍ଟି ଅଧିକ ବୃଦ୍ଧି ପାଇବ।



## ଉତରାଖଣ୍ଡ, ମହାରାଷ୍ଟ୍ର, ପଶ୍ଚିମବଙ୍ଗରେ ବିଜେପି ରାଜ୍ୟ ସଭାପତି ପରିବର୍ତନ ପାଇଁ ପ୍ରୟାସ ତୀବ୍ର, ରାଜ୍ୟ ନିର୍ବାଚନ ଅଧିକାରୀ ନିଯୁକ୍ତ

**ନୂଆଦିଲ୍ଲୀ,(ହିସ):** ଉତରାଖଣ୍ଡ, ମହାରାଷ୍ଟ୍ର ଏବଂ ପଶ୍ଚିମବଙ୍ଗରେ ବିଜେପି ରାଜ୍ୟ ସଭାପତି ପରିବର୍ତନ ପାଇଁ କସରତ ତୀବ୍ର ହୋଇଛି। ବିଜେପି ଏହି ତିନୋଟି ରାଜ୍ୟ ପାଇଁ ନିର୍ବାଚନ ଅଧିକାରୀ ଘୋଷଣା କରିଛି। ଶୁକ୍ରବାର ଦିନ ବିଜେପି ସଂଗଠନ ନିର୍ବାଚନର ନିର୍ବାଚନ ଅଧିକାରୀ ଡକ୍ଟର କେ. ଲକ୍ଷ୍ମଣଙ୍କ ଦ୍ୱାରା ଏକ ଚିଠି ଜାରି କରାଯାଇଛି। ଏଥିରେ ମହାରାଷ୍ଟ୍ର, ପଶ୍ଚିମବଙ୍ଗ ଏବଂ ଉତରାଖଣ୍ଡର ରାଜ୍ୟ ସଭାପତି ଏବଂ ଜାତୀୟ ପରିଷଦର ସଦସ୍ୟଙ୍କ ନିର୍ବାଚନ ପାଇଁ ତିନି ଜଣ ନେତାଙ୍କୁ ବଡ଼ ଦାୟିତ୍ୱ ଦିଆଯାଇଛି। କେନ୍ଦ୍ରମନ୍ତ୍ରୀ ହର୍ଷ ମାଲହୋତ୍ରାଙ୍କୁ ଉତରାଖଣ୍ଡରେ ରାଜ୍ୟ ସଭାପତି ଏବଂ ଜାତୀୟ ପରିଷଦର ସଦସ୍ୟଙ୍କ ନିର୍ବାଚନର ଦାୟିତ୍ୱ ଦିଆଯାଇଛି। ମହାରାଷ୍ଟ୍ରର ଦାୟିତ୍ୱ କେନ୍ଦ୍ର କ୍ୟାବିନେଟ ମନ୍ତ୍ରୀ କିରଣ ରିଜିଜୁଙ୍କୁ ଦିଆଯାଇଛି।

## ଜୁଲାଇ ମାସରେ ୧୩ଦିନ ପାଇଁ ବନ୍ଦ ରହିବ ବ୍ୟାଙ୍କ

**ନୂଆଦିଲ୍ଲୀ,(ହିସ):** ଜୁଲାଇ ମାସ ଆରମ୍ଭ ହେବାକୁ ଯାଉଛି। ଏହି ସମୟ ମଧ୍ୟରେ ବିଭିନ୍ନ ରାଜ୍ୟରେ ବ୍ୟାଙ୍କଗୁଡ଼ିକ ୧୩ ଦିନ ପାଇଁ ବନ୍ଦ ରହିବ। ଆରବିଆଇର ନେଗୋସିଆବଲ୍ ଇନଷ୍ଟ୍ରୁମେଣ୍ଟ୍ସ ଆକ୍ଟ ଅନୁଯାୟୀ, ବିଭିନ୍ନ ରାଜ୍ୟରେ ସ୍ଥାନୀୟ ପର୍ବ ଏବଂ ଧାର୍ମିକ ପର୍ବକୁ ଦୃଷ୍ଟିରେ ରଖି ବ୍ୟାଙ୍କଗୁଡ଼ିକ ବନ୍ଦ ରହିବ। ଜୁଲାଇ ମାସରେ ୧୩ଦିନ ବ୍ୟାଙ୍କ ଛୁଟି ମଧ୍ୟରେ ୪ଟି ରବିବାର ସହିତ ଦ୍ୱିତୀୟ ଏବଂ ଚତୁର୍ଥ ଶନିବାର ବ୍ୟତୀତ, ଆଉ ୭ ଦିନ ବ୍ୟାଙ୍କ ବନ୍ଦ ରହିବ। ପ୍ରଥମତଃ, ୩ ଜୁଲାଇ (ଗୁରୁବାର) ଅଗରତଲାରେ ଖରଚି ପୂଜା ପାଇଁ ବ୍ୟାଙ୍କ ଗୁଡ଼ିକ ବନ୍ଦ ରହିବ। ଜୁଲାଇ ୫ ଗୁରୁ ହରଗୋବିନ୍ଦ ସିଂହ ଜୀଙ୍କ ଜନ୍ମବାର୍ଷିକୀ, ତେଣୁ ଏହି ଦିନ ଜମ୍ମୁ ଏବଂ ଶ୍ରୀନଗରରେ ବ୍ୟାଙ୍କଗୁଡ଼ିକ ବନ୍ଦ ରହିବ। ଜୁଲାଇ ୬ ରବିବାର ଏବଂ ଜୁଲାଇ ୧୨ ଦ୍ୱିତୀୟ ଶନିବାର, ତେଣୁ ସବୁ ରାଜ୍ୟରେ ବ୍ୟାଙ୍କ ଗୁଡ଼ିକ ବନ୍ଦ ରହିବ।ଜୁଲାଇ ୧୩ ରବିବାର ହେତୁ ସମସ୍ତ ବ୍ୟାଙ୍କଗୁଡ଼ିକ ବନ୍ଦ ରହିବ। ଶିଲଂରେ ବେହ ଦିନଖଲାମ ଯୋଗୁଁ ଜୁଲାଇ ୧୪ରେ ବ୍ୟାଙ୍କଗୁଡ଼ିକ ବନ୍ଦ ରହିବ। ଜୁଲାଇ ୧୬ରେ ହରେଲା ପର୍ବ ଅବସରରେ ଡେରାଡୁନରେ ବ୍ୟାଙ୍କଗୁଡ଼ିକରେ କୌଣସି କାମ ହେବ ନାହିଁ। ଜୁଲାଇ ୧୭ରେ ୟୁ ତିରୋତ ସିଂହଙ୍କ ଶ୍ରାଦ୍ଧବାର୍ଷିକରେ ଶିଲଂରେ ବ୍ୟାଙ୍କ ଗୁଡ଼ିକ ବନ୍ଦ ରହିବ। ୧୯ ଜୁଲାଇରେ କେର ପୂଜା ଅବସରରେ ଅଗରତାଲାରେ ବ୍ୟାଙ୍କ ଗୁଡ଼ିକ ବନ୍ଦ ରହିବ। ଜୁଲାଇ ୨୦,୨୭ ରବିବାର ଏବଂ ଜୁଲାଇ ୨୬ ଚତୁର୍ଥ ଶନିବାର ଯୋଗୁଁ ବ୍ୟାଙ୍କ ଗୁଡ଼ିକ ସବୁଠି ବନ୍ଦ ରହିବ। ଜୁଲାଇ ୨୮ରେ ଗ୍ୟାଙ୍ଗଟକରେ ବ୍ୟାଙ୍କଗୁଡ଼ିକ ବନ୍ଦ ରହିବ।

# ଜରୁରୀକାଳୀନ ପରିସ୍ଥିତି ସମୟରେ ଶ୍ରୀଲଙ୍କା ସହିତ ହୋଇଥିବା ଚୁକ୍ତିନାମା ଯୋଗୁଁ ଆମ ମତ୍ସ୍ୟଜୀବୀମାନଙ୍କୁ ଧରାଯାଉଛି: ଜୟଶଙ୍କର



**ନୂଆଦିଲ୍ଲୀ,(ହିସ):** ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ଶୁକ୍ରବାର କହିଛନ୍ତି ଯେ ଜରୁରୀକାଳୀନ ପରିସ୍ଥିତି ସମୟରେ ଶ୍ରୀଲଙ୍କା ସହିତ ହୋଇଥିବା ଚୁକ୍ତିନାମାର ମୂଲ୍ୟ ଏବେ ବି ଆମର ମତ୍ସ୍ୟଜୀବୀମାନଙ୍କୁ ଦିଆଯାଉଛି। ଏହି ଚୁକ୍ତିନାମା ଯୋଗୁଁ ଆମେ ମାଛ ଧରିବାର ଅଧିକାର ହରାଇଲୁ ଏବଂ ସେଥିପାଇଁ ଶ୍ରୀଲଙ୍କା ଭାରତୀୟ ମତ୍ସ୍ୟଜୀବୀଙ୍କୁ ଧରିଲା ।ଜୟଶଙ୍କର କହିଛନ୍ତି, 'ଆମେ ଶ୍ରୀଲଙ୍କା ଦ୍ୱାରା ଆମର ମତ୍ସ୍ୟଜୀବୀଙ୍କୁ ଗିରଫ କରାଯିବା ବିଷୟରେ ଶୁଣିବାକୁ ପାଉଛୁ। ଏହାର କାରଣ ହେଉଛି ଜରୁରୀକାଳୀନ ପରିସ୍ଥିତି ସମୟରେ ଏକ ଚୁକ୍ତିନାମା କରାଯାଇଥିଲା ଯାହା ଅଧୀନରେ ଶ୍ରୀଲଙ୍କାର କିଛି ସମୁଦ୍ର ଜଳରେ ମତ୍ସ୍ୟଜୀବୀଙ୍କ ମାଛ ଧରିବାର ଅଧିକାର ପ୍ରତ୍ୟାଖ୍ୟାନ କରାଯାଇଥିଲା।' ଜରୁରୀକାଳୀନ ପରିସ୍ଥିତିର ୫୦ ବର୍ଷ ପୂରଣ ଉପଲକ୍ଷେ ଦିଲ୍ଲୀ ବିଜେପି ଯୁବ ମୋର୍ଚ୍ଚା ଆଜି ଏମଡିଏମସି କନଭେନସନ ସେଂଟରରେ ଏକ ମକ୍ ପାର୍ଲାମେଂଟ ଆୟୋଜନ କରିଥିଲା। ଏହି ଅବସରରେ, ମୁଖ୍ୟ ଅତିଥି ଭାବରେ, ବୈଦେଶିକ ମନ୍ତ୍ରୀ ଡକ୍ଟର ଜୟଶଙ୍କର ଏବଂ ଦିଲ୍ଲୀ ବିଜେପି ସଭାପତି ବୀରେନ୍ଦ୍ର ସଚଦେବ ଦୀପ ପ୍ରଜ୍ୱଳନ କରି ଏହାକୁ ଆରମ୍ଭ କରିଥିଲେ। ବିଭିନ୍ନ କଲେଜର ଯୁବ ଛାତ୍ରମାନେ ମକ୍ ପାର୍ଲାମେଂଟରେ ଅଂଶଗ୍ରହଣ କରିଥିଲେ। ଚୀନ୍‌ରେ ସାଂଘାଇ ସହଯୋଗ ସଂଗଠନ (ଏସସିଓ) ବୈଠକରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ମିଳିତ ଘୋଷଣାପତ୍ରରେ ସ୍ୱାକ୍ଷର କରିବାକୁ ଜୟଶଙ୍କର ସମର୍ଥନ କରିଥିଲେ। ସେ କହିଥିଲେ ଯେ ଏସିଓ ଉଦ୍ଦେଶ୍ୟ ହେଉଛି ଆତଙ୍କବାଦ ବିରୁଦ୍ଧରେ ଲଢ଼ିବା। ରାଜନାଥ ସିଂହ ଫଳାଫଳ ଦସ୍ତାବିଜରେ ଆତଙ୍କବାଦ ବିଷୟ ରଖିବାକୁ ଚାହୁଁଥିଲେ। ଗୋଟିଏ ଦେଶ (ପାକିସ୍ତାନ) ଚାହୁଁନଥିଲା ଯେ ଆତଙ୍କବାଦ ଉଲ୍ଲେଖ ହେଉ। ଏହି କାରଣରୁ ସେମାନେ ସ୍ୱାକ୍ଷର କରିବାକୁ ମନା କରିଦେଲେ। ଏହି ଅବସରରେ ସାମ୍ବାଦିକମାନଙ୍କୁ ସମ୍ବୋଧିତ କରି ଜୟଶଙ୍କର କହିଥିଲେ ଯେ ଆଜି ମଧ୍ୟ, ଜରୁରୀକାଳୀନ ପରିସ୍ଥିତିର ବହୁ ବର୍ଷ ପରେ, ଯେତେବେଳେ କଂଗ୍ରେସକୁ ପଚରାଗଲା ଯେ ସେମାନେ ଦେଶରେ ଲାଗୁ ହୋଇଥିବା ଜରୁରୀକାଳୀନ ପରିସ୍ଥିତି ପାଇଁ ଦୁଃଖ ପ୍ରକାଶ କରନ୍ତି କି, ତେବେ ଆଜି ମଧ୍ୟ କାହାକୁ ଏଥିପାଇଁ ଦୁଃଖ ନାହିଁ। ବୈଦେଶିକ ମନ୍ତ୍ରୀ କହିଛନ୍ତି ଯେ ୧୯୭୧ରେ ବିଜୟୀ ହେବା ପରେ ସରକାରଙ୍କ ଲୋକପ୍ରିୟତା ବହୁତ ହ୍ରାସ ପାଇଥିଲା କାରଣ ଦୁର୍ନୀତି ଶୀର୍ଷରେ ଥିଲା ଏବଂ ଗୁଜରାଟରେ ସରକାର ପତନ ହୋଇଥିଲା। ତେଣୁ, ସରକାର ସରକାରଙ୍କ ପ୍ରତି ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି କରିବାର ଏକ ନୂତନ ଉପାୟ ପାଇଲା, ତେଣୁ ସେମାନେ ଦେଶରେ ଜରୁରୀକାଳୀନ ପରିସ୍ଥିତି ଲାଗୁ କଲେ। ଡକ୍ଟର ଜୟଶଙ୍କର କହିଛନ୍ତି ଯେ କଂଗ୍ରେସ ମାତ୍ର ୨୧ ମାସର ଜରୁରୀକାଳୀନ ପରିସ୍ଥିତିରେ ସମ୍ବିଧାନରେ ପାଂଚଟି ସଂଶୋଧନ ଏବଂ ୪୮ଟି ଅଧ୍ୟାଦେଶ ପାସ୍ କରିଛି। ଜରୁରୀକାଳୀନ ପରିସ୍ଥିତି ଏକ ରାଜନୈତିକ ପ୍ରସଙ୍ଗ ନୁହେଁ ବରଂ ଆମ ଜୀବନଶୈଳୀ ଉପରେ ଆକ୍ରମଣ ଥିଲା ଏବଂ ଏହା କେବଳ ଗୋଟିଏ ପରିବାର ଯୋଗୁଁ ଘଟିଥିଲା। କିଛି ଲୋକ ହାତରେ ସମ୍ବିଧାନର ଏକ କପି ଧରି ବୁଲନ୍ତି କିନ୍ତୁ ହୃଦୟର ଭାବନା ଅନ୍ୟ କିଛି, କଂଗ୍ରେସ କେବେ ଜରୁରୀକାଳୀନ ପରିସ୍ଥିତି ପାଇଁ କ୍ଷମା ମାଗିଥିଲା କି?

ସେ କହିଥିଲେ ଯେ ସେହି ସମୟରେ ସମ୍ବିଧାନରେ କରାଯାଇଥିବା ତିନୋଟି ପରିବର୍ତନ ବହୁତ ଗୁରୁତ୍ୱପୂର୍ଣ୍ଣ ଥିଲା। ୩୮ତମ ସଂଶୋଧନ ଅନୁଯାୟୀ, ଆପଣ ଜରୁରୀକାଳୀନ ପରିସ୍ଥିତି ଲାଗୁ କରିବା ସମ୍ପର୍କରେ କୋର୍ଟକୁ ଯାଇପାରିବେ ନାହିଁ, ୩୯ତମ ସଂଶୋଧନ ଆପଣଙ୍କୁ ପ୍ରଧାନମନ୍ତ୍ରୀଙ୍କ ନିର୍ବାଚନ ଉପରେ କୋର୍ଟକୁ ଯିବାରୁ ବାଧା ଦେଉଥିଲା ଏବଂ ୪୨ତମ ସଂଶୋଧନ ଅନୁଯାୟୀ, ଆପଣଙ୍କର ମୌଳିକ ଅଧିକାର ଉଚ୍ଛେଦ ହେବାକୁ ଯାଉଥିଲା ଏବଂ କୋର୍ଟର କ୍ଷମତା ହ୍ରାସ ହେବାକୁ ଯାଉଥିଲା। ଜରୁରୀକାଳୀନ ପରିସ୍ଥିତିରେ, ସମ୍ବିଧାନକୁ ଏପରି ଭାବରେ ହତ୍ୟା କରାଯାଇଥିଲା ଯେ ଯଦି ଆପଣ ନିଜର ଜୀବନ ହରାଉଛନ୍ତି, ତେବେ ମଧ୍ୟ କୋର୍ଟ ଆପଣଙ୍କୁ ଆଶ୍ୱସ୍ତି ଦେଇପାରିବେ ନାହିଁ। ଅଭିଭାଷଣ ପୂର୍ବରୁ, ଡକ୍ଟର ଜୟଶଙ୍କର ଏବଂ ବୀରେନ୍ଦ୍ର ସଚଦେବ ଜରୁରୀକାଳୀନ ପରିସ୍ଥିତିର ୫୦ ବର୍ଷ ପୂରଣ ଉପରେ ଆୟୋଜିତ ସ୍ୱତନ୍ତ୍ର ପ୍ରଦର୍ଶନୀ ପରିଦର୍ଶନ କରିଥିଲେ। ଦିଲ୍ଲୀ ଭାଜଯୁମି ସଭାପତି ସାଗର ତ୍ୟାଗୀ ତାଙ୍କ ସ୍ୱାଗତ ଭାଷଣରେ କଂଗ୍ରେସ ଜରୁରୀକାଳୀନ ପରିସ୍ଥିତିକୁ ମନେ ପକାଇ କହିଥିଲେ ଯେ ଏହା ଭାରତର ଇତିହାସର ଏକ କଳା ଅଧ୍ୟାୟ।

# ନୂଆଦିଲ୍ଲୀ ହାଉଜଖାସ ମନ୍ଦିରରେ ରଥଯାତ୍ରା ପାଳିତ

**ନୂଆଦିଲ୍ଲୀ,(ହି.ସ.):** ନୂଆଦିଲ୍ଲୀର ହାଉଜଖାସ ଭିଲେଜ ସ୍ଥିତ ଜାତୀୟ ରାଜଧାନୀ କ୍ଷେତ୍ରର ସବୁଠୁ ବୃହତ ଜଗନ୍ନାଥ ମନ୍ଦିରରେ ୪୭ ତମ ରଥଯାତ୍ରା ଉତ୍ସବ ମହାସମାରୋହରେ ପାଳନ କରାଯାଇଛି। ଏହି ପବିତ୍ର ପର୍ବ ଉପଲକ୍ଷେ ସମଗ୍ର ମନ୍ଦିର ପରିସରକୁ ରଙ୍ଗବେରଙ୍ଗର କପଡ଼ା, କାଗଜ ଏବଂ ଆଲୋକମାଳାରେ ସଜା ଯାଇଥିବା ଦେଖାଯାଇଥିଲା। ମନ୍ଦିରରେ ବଢ଼ି ଭୋରରୁ ମଙ୍ଗଳ ଆଳତି କରାଯିବା ପରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଏବଂ ନୀତିକାନ୍ତି ବିଧି ମୁତାବକ ସମ୍ପନ୍ନ କରାଯାଇଥିଲା। ଚଳିତ ବର୍ଷ ଏହି ମହା ପାର୍ବଣରେ ଦିଲ୍ଲୀ ଓ ଏହାର ଆଖପାଖ ଅଂଚଳର ଲକ୍ଷାଧିକ ଓଡ଼ିଆ ଓ ଅଣଓଡ଼ିଆ ଭକ୍ତ ସେମାନଙ୍କର ପରିବାର ଓ ପରିଜନଙ୍କ ସହ ଆସି ସାମିଲ ହେବା ଦେଖା ଯାଇଥିଲା। ଏଠାରେ ଦିନ ଦ୍ୱିପହରରେ ଚାରି ଠାକୁରଙ୍କର ପହଣ୍ଡି ବିଜେ ଆରମ୍ଭ ହୋଇଥିଲା। ପ୍ରଥମେ ପ୍ରଭୁ ସୁଦର୍ଶନ, ତା'ପରେ ବଡ଼ଭାଇ ବଳଭଦ୍ର, ପରେପରେ ଦେବୀ ସୁଭଦ୍ରା ଓ ସବାଶେଷରେ ଜଗତରନାଥ ଜଗନ୍ନାଥଙ୍କୁ ସାହି ରୋଷଣୀ କରାଯାଇ ମନ୍ଦିର ସମ୍ମୁଖସ୍ଥ ଦଣ୍ଡାୟମାନ ସୁନ୍ଦର, ସୁରମ୍ୟ ଓ ସୁସଜ୍ଜିତ ରଥ ଉପରକୁ ନିଆଯାଇଥିଲା। ଉପସ୍ଥିତ ଦର୍ଶକମାନଙ୍କ ଦ୍ୱାରା ଘଣ୍ଟି, ଶଙ୍ଖ, କରତାଳ, ମର୍ଦ୍ଦଳ, ଝାଞ୍ଜ ଓ ମୃଦଙ୍ଗ ବାଜଣାର ଗହଗହ ନାଦ ତଥା ହରିବୋଲ, ହୁଳହୁଳି, ଜୟ ଜଗନ୍ନାଥ ଧ୍ୱନିରେ ଗଗନ ପବନ ପ୍ରକମ୍ପିତ ହୋଇ ଉଠିଥିଲା ।ଏଠାରେ ଉଭୟ ଆୟୋଜକ ଓ ଅଂଶଗ୍ରହଣକାରୀ ମାନଙ୍କ ମଧ୍ୟରେ ଘୋଷଯାତ୍ରାକୁ କେନ୍ଦ୍ର କରି ପ୍ରବଳ ଆନନ୍ଦ, ଅପୂର୍ବ ଉଲ୍ଲାସ, ଅଜସ୍ର ଉତ୍ସାହ ଓ ଅଦମ୍ୟ ଉଦ୍ଦୀପନା ଦୃଷ୍ଟିଗୋଚର ହୋଇଥିଲା। ମନ୍ଦିର ପରିଚାଳନା କମିଟି ଶ୍ରୀ ନୀଳାଚଳ ସେବାସଙ୍ଘ ତରଫରୁ ଶାନ୍ତି ଶୃଙ୍ଖଳା ରକ୍ଷା ଓ ଭିଡ଼କୁ ନିୟନ୍ତ୍ରଣ କରାଯିବା ପାଇଁ ଉପଯୁକ୍ତ ବ୍ୟବସ୍ଥା କରାଯାଇଥିଲା। ପରିଚାଳନା କମିଟିର ସମ୍ପାଦକ ରବୀନ୍ଦ୍ରନାଥ ପ୍ରଧାନ ସମସ୍ତ ବନ୍ଦୋବସ୍ତକୁ ବ୍ୟକ୍ତିଗତ ଭାବରେ ତଦାରଖ କରିଥିଲେ।ଏଠାରେ ମୁଖ୍ୟ ଅତିଥି ଦିଲ୍ଲୀର ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ପାରମ୍ପରିକ ଢଙ୍ଗରେ ଛେରା ପହଁରା କାର୍ଯ୍ୟ ସମ୍ପନ୍ନ କରିଥିଲେ। ସମ୍ମାନିତ ଅତିଥି ଭାବରେ ସାଂସଦ ବାଁଶୁରୀ ସ୍ୱରାଜ,ମନୋଜ ତିୱାରୀ, ବିଧାୟକ ସତୀଶ ଉପାଧ୍ୟାୟ ଓ ଅନୀଲ ଶର୍ମା, ବିଜେପି ନେତ୍ରୀ ମୃଦୁଳା ଠାକୁର ପ୍ରଧାନ, ବିଜେପି ନେତା ଶୈଳେନ୍ଦ୍ର ସିଂହ ମଣ୍ଟି, ରବୀନ୍ଦ୍ର ଚୌଧୁରୀ ଏବଂ ପୂର୍ବତନ ବିଧାୟକ ସୋମନାଥ ଭାରତୀ ପ୍ରମୁଖ ଉପସ୍ଥିତ ଥିଲେ ।ଉପସ୍ଥିତ ଜନସାଧାରଣ ରଥଯାତ୍ରା ଦିନ ସରକାରୀ ଛୁଟି ଘୋଷଣା କରିବାକୁ ଅତିଥିମାନଙ୍କ ନିକଟରେ ଦାବୀ ଉପସ୍ଥାପନ କରିଥିଲେ।

ଅପରାହ୍ନ ୨:୩୦ ମିନିଟରେ ରଥ ଟଣା ଆରମ୍ଭ ହୋଇଥିଲା। ଅଠର ଫୁଟ ଉଚ୍ଚତା ବିଶିଷ୍ଟ ରଙ୍ଗାରଙ୍ଗ ଓ ରାଜକୀୟ ରଥ ଉପରେ ଚାରିଠାକୁରଙ୍କର ବିରାଜମାନର ଦୃଶ୍ୟ ଅଲୌକିକ ଥିଲା। ମହାପ୍ରଭୁଙ୍କ ରଥକୁ ଆଂସାରୀ ନଗରକୁ ନିଆଯାଇ ପୁଣି ସନ୍ଧ୍ୟା ସୁଦ୍ଧା ମନ୍ଦିର ବେଢ଼ାକୁ ଫେରାଇ ଅଣାଯାଇଥିଲା। ରାସ୍ତାର ଦୁଇ ପାର୍ଶ୍ୱରେ ଭକ୍ତମାନେ ରଥ ଉପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ, ଠାକୁରମାନଙ୍କ ଉପରେ ପୁଷ୍ପବର୍ଷଣ ଏବଂ ରଥବାଢ଼ରେ ନଡ଼ିଆ ଭାଙ୍ଗି ନିଜକୁ ଧନ୍ୟ ମନେ କରୁଥିବା ଓ ଭକ୍ତିଭାବରେ ଅଭିଭୂତ ହେଉଥିବା ଦେଖା ଯାଇଥିଲା ।ରଥ ମନ୍ଦିର ପ୍ରାଙ୍ଗଣକୁ ଫେରିବା ପରେ ସର୍ବସାଧାରଣ ରଥାରୁଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କର ଦର୍ଶନ କରିଥିଲେ।

# ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ସାଇବର ସୁରକ୍ଷା ସଚେତନତା କର୍ମଶାଳା ଆୟୋଜନ

**ନୂଆଦିଲ୍ଲୀ, (ହି.ସ.):** ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟ ଏହାର ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ଡିଜିଟାଲ ସଚେତନତା ପ୍ରଦାନ କରିବା ପାଇଁ ଶୁକ୍ରବାର ଏକ ସାଇବର ସୁରକ୍ଷା ସଚେତନତା କର୍ମଶାଳା ଆୟୋଜନ କରିଥିଲା। ଡକ୍ଟର ଆମ୍ବେଦକର ଆନ୍ତର୍ଜାତୀୟ କେନ୍ଦ୍ରରେ ଆୟୋଜିତ କର୍ମଶାଳାରେ ଅନଲାଇନ୍ ସୁରକ୍ଷା, ସାଇବର ବିପଦ ଏବଂ ସୁରକ୍ଷିତ ଇଂଟରନେଟ୍ ଅଭ୍ୟାସ ବିଷୟରେ ଆଲୋଚନା କରାଯାଇଥିଲା। ଏହା ସାଇବର ସୁରକ୍ଷା ସଚେତନତାର ପ୍ରଥମ ପର୍ଯ୍ୟାୟ। ପରବର୍ତୀ ପର୍ଯ୍ୟାୟରେ, ଏହି ସଚେତନତା ଅଭିଯାନକୁ କ୍ଷେତ୍ର ସ୍ତରକୁ ନିଆଯିବ। ଏହା ନିଶ୍ଚିତ କରିବ ଯେ ସାଇବର ସଚେତନତା ଏବଂ ଡିଜିଟାଲ ସୁରକ୍ଷା ଅଭ୍ୟାସଗୁଡ଼ିକ ଆଗଧାଡ଼ିର କର୍ମୀ, ଅଙ୍ଗନୱାଡ଼ି କର୍ମୀ ଏବଂ ରାଜ୍ୟସ୍ତରୀୟ ଅଂଶୀଦାରମାନଙ୍କ ପାଖରେ ପହଂଚିବ। ଏହି ଅବସରରେ, ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟର ସଚିବ, ଅନିଲ ମଲିକ କହିଛନ୍ତି ଯେ ଆଜି ଆମେ ଏକ ପ୍ରଯୁକ୍ତିବିଦ୍ୟା ଯୁଗରେ ବାସ କରୁଛୁ ଯେଉଁଠାରେ ଆମର କାର୍ଯ୍ୟ ଏବଂ ଯୋଗାଯୋଗ ଡିଜିଟାଲ ପ୍ଲାଟଫର୍ମ ସହିତ ସଂଯୁକ୍ତ। ସମ୍ବେଦନଶୀଳ ତଥ୍ୟ ପରିଚାଳନା ବିଷୟରେ ସମସ୍ତେ ସତର୍କ ଏବଂ ଭଲ ଭାବରେ ଅବଗତ ହେବା ଆବଶ୍ୟକ। ସେ କହିଛନ୍ତି ଯେ ଏହି କର୍ମଶାଳା ଅଧିକାରୀମାନଙ୍କୁ ସଠିକ୍ ଜ୍ଞାନ ଏବଂ ଅଭ୍ୟାସ ସହିତ ସଜ୍ଜିତ କରିବା ପାଇଁ ଏକ ପଦକ୍ଷେପ। ସେ ସମସ୍ତଙ୍କୁ ଏହି ଅଧିବେଶନଗୁଡ଼ିକର ସର୍ବାଧିକ ଲାଭ ଉଠାଇବାକୁ ଅନୁରୋଧ କରିଥିଲେ। ଏହା ଉଲ୍ଲେଖନୀୟ ଯେ ଗତ ଦଶନ୍ଧି ମଧ୍ୟରେ, ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ଏବଂ ଦକ୍ଷ ସେବା ପ୍ରଦାନକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରିଛି। ପୋଷଣ ଟ୍ରାକର ଭଳି ପଦକ୍ଷେପ ୧୪ ଲକ୍ଷ ଅଙ୍ଗନୱାଡ଼ି କେନ୍ଦ୍ରରେ ମାନୁଆଲ୍ ରେକର୍ଡକୁ ରିଅଲ୍-ଟାଇମ୍ ଡ୍ୟାସବୋର୍ଡ ସହିତ ବଦଳାଇଛି, ଯାହା ୧୦ କୋଟିରୁ ଅଧିକ ହିତାଧିକାରୀଙ୍କ ପାଇଁ ଡାଟା-ଚାଳିତ ନିଷ୍ପତି ଗ୍ରହଣ ଏବଂ ସେବା ପ୍ରଦାନକୁ ସକ୍ଷମ କରିଛି। ସେହିପରି, ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା ଏକ ସମ୍ପୂର୍ଣ୍ଣ କାଗଜବିହୀନ, ଆଧାର-ସକ୍ଷମ ଡିବିଟି ସିଷ୍ଟମ ମାଧ୍ୟମରେ ମୋବାଇଲ-ଆଧାରିତ ପଞ୍ଜୀକରଣ ଏବଂ ରିଅଲ୍-ଟାଇମ୍ ଅଭିଯୋଗ ସମାଧାନ ସହିତ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଂଟରେ ସିଧାସଳଖ ପାଣ୍ଠି ବିତରଣ ପାଇଁ କାର୍ଯ୍ୟ କରେ। ମୁଖମଣ୍ଡଳ ଚିହ୍ନଟକରଣ ଗ୍ରହଣ ହିତାଧିକାରୀଙ୍କ ସଠିକ୍ ଚିହ୍ନଟକୁ ସୁନିଶ୍ଚିତ କରେ। ସେ-ବକ୍ସ ଏବଂ ମିଶନ ଶକ୍ତି ପୋର୍ଟାଲ, ମିଶନ ବାତ୍ସଲ୍ୟ ପୋର୍ଟାଲ ଭଳି ପ୍ଲାଟଫର୍ମ ସୁରକ୍ଷା ଏବଂ ଆଇନଗତ ସମାଧାନ ପାଇଁ ପ୍ରଯୁକ୍ତିବିଦ୍ୟା-ଆଧାରିତ ପ୍ରବେଶ ପ୍ରଦାନ କରେ। ଏପରି ପରିସ୍ଥିତିରେ, ଡାଟାକୁ ସୁରକ୍ଷିତ ରଖିବା ଏବଂ ଏହି ସିଷ୍ଟମଗୁଡ଼ିକରେ ବିଶ୍ୱାସ ବଜାୟ ରଖିବା ପାଇଁ ସାଇବର ସୁରକ୍ଷା ଉପରେ ସଚେତନତା ଏବଂ କ୍ଷମତା ନିର୍ମାଣ ଜରୁରୀ।

## ସୋମବାରରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି




ଭୁବନେଶ୍ୱର, (ଡିକେ ନ୍ୟୁଜ୍): ମୁଖ୍ୟମନ୍ତ୍ରୀଶ୍ରୀ ମୋହନ ଚରଣ ମାଝୀ ଆଗାମୀ ଜୁନ୍ ୩୦ ତାରିଖ ସୋମବାର ଦିନ ସକାଳ ୧୦.୩୦ ଘଟିକାରୁ ୟୁନିଟ-୨, ଅଶୋକ ନଗର, ଭୁବନେଶ୍ୱରସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ ନିକଟସ୍ଥ) ଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ। ଏହି ଅଭିଯୋଗ ଶୁଣାଣି ପାଇଁ ଅନଲାଇନ ପଞ୍ଜୀକରଣ ଜୁନ୍ ୨୭ ତାରିଖ ଠାରୁ ଆରମ୍ଭ ହୋଇ ସର୍ବାଧିକ ୧୦୦୦ଜଣ ପଞ୍ଜୀକରଣ କରାଯିବା ପର୍ଯ୍ୟନ୍ତ ଖୋଲା ରହିବ। ଏଥିନିମନ୍ତେ, ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ (https://janasunani.odisha.gov.in/) ଅଥବା ଜନଶୁଣାଣି ମୋବାଇଲ ଆପ୍ଲିକେଶନ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ। ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାର ପତ୍ର ଏବଂ ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ। ଉପରୋକ୍ତ ସ୍ଥାନକୁ ଆସିବା ପାଇଁ ମୋବାଇଲ ଫୋନ୍ ଦ୍ୱାରାଉଦ୍ଦିଷ୍ଟ କ୍ୟୁଆରକୋଡକୁ ସ୍କାନ କରି ଗୁଗଲ ମ୍ୟାପ ସାହାଯ୍ୟରେ ଜନଶୁଣାଣି ସ୍ଥଳରେ ପହଞ୍ଚିବାର ସୁବିଧା ମଧ୍ୟ ବିଭିନ୍ନ ସଂବାଦପତ୍ରରେ ପ୍ରକାଶନ ବ୍ୟବସ୍ଥା କରାଯାଇଛି। ଏ ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ତରଫରୁ ସୂଚନା ପ୍ରଦାନ କରାଯାଇଛି।

## ରଥଯାତ୍ରାରେ ଆଇଜି ଡ୍ରୋନର ଆଡଭାନ୍ସଡ ଡ୍ରୋନ ସର୍ଭିଲାନ୍ସ ବ୍ୟବସ୍ଥାକୁ କେନ୍ଦ୍ରମନ୍ତ୍ରୀଙ୍କ ପ୍ରଶଂସା



ଭୁବନେଶ୍ୱର, (ଡିକେ ନ୍ୟୁଜ୍): ଚଳିତ ବର୍ଷ ରଥଯାତ୍ରା ପୂର୍ବରୁ ପୁରୀରେ ସୁରକ୍ଷା ବ୍ୟସ୍ଥା ଓ ନୀରିକ୍ଷଣ ପ୍ରସ୍ତୁତିକୁ ସମୀକ୍ଷା କରିବା ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ଏବଂ ଓଡିଶାର ଉଚ୍ଚଶିକ୍ଷା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଓ ବିଜେପି ଜାତୀୟ ପ୍ରବକ୍ତା ତଥା ପୁରୀ ସାଂସଦ ଡଃ ସମ୍ବିତ ପାତ୍ର ପୁରୀରେ ଇଂଟିଗ୍ରେଟେଡ କମାଣ୍ଡ ଆଣ୍ଡ କଂଟ୍ରୋଲ ସେଂଟର (ଆଇସିସିସି)ର ପରିଦର୍ଶନ କରିଥିଲେ। ଏହି ସମୟରେ କେନ୍ଦ୍ରମନ୍ତ୍ରୀମାନେ ଓଡିଶାର ଡିଫେନ୍ସ ଟେକ୍ନୋଲୋଜି ଷ୍ଟାର୍ଟଅପ ଆଇଜି ଡ୍ରୋନ୍ସ ଦ୍ୱାରା ବିକଶିତ ଏବଂ ଓଡିଶା ପୋଲିସ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ଟେକ୍ନୋଲୋଜି-ପରିଚାଳିତ ସମାଧାନଗୁଡ଼ିକର ବ୍ୟବହାରକୁ ପ୍ରଶଂସା କରିଛନ୍ତି। ପ୍ରଥମଥର ପାଇଁ ରଥଯାତ୍ରାରେ ସହରର ପ୍ରମୁଖ ସ୍ଥାନଗୁଡିକରେ ଆଡଭାନ୍ସଡ ଡ୍ରୋନ ସର୍ଭିଲାନ୍ସ ଟେକ୍ନୋଲୋଜିକୁ ବ୍ୟାପକ ରୂପେ ନିୟୋଜିତ କରାଯାଇଛି, ଯାହା ଆକାଶମାର୍ଗରୁ ଭିଡର ଗତିବିଧି, ଟ୍ରାଫିକ ଓ ସମ୍ଭାବ୍ୟ ଜରୁରୀକାଳିନ ସ୍ଥିତିକୁ ବାସ୍ତବ ସମୟରେ ତଦାରଖ କରିବା କାର୍ଯ୍ୟକୁ ସୁଗମ କରୁଛି। ଏଥିସହିତ ଆକାଶମାର୍ଗରୁ ଅନଧିକୃତ ବିପଦକୁ ଚିହ୍ନଟ କରିବା ଓ ମୁକାବିଲା କରିବା ପାଇଁ ଆଂଟି-ଡ୍ରୋନ ସିଷ୍ଟମଗୁଡିକୁ ରଣନୈତିକ ଭାବେ ଅବସ୍ଥାପିତ କରାଯାଇଛି। ଭାରତର ସବୁଠାରୁ ପବିତ୍ର ପର୍ବ ପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ସମୟରେ ଲୋକଙ୍କ ସୁରକ୍ଷା ବୃଦ୍ଧି କରିବା ପାଇଁ ଓଡିଶା ପୋଲିସ ଆଇଜି ଡ୍ରୋନ୍ସ ସହ ସହଭାଗିତା କରିଛି। ଭାରତୀୟ ଡିଫେନ୍ସ ଇକୋସିଷ୍ଟମରେ ଏକ ବିଶ୍ୱସ୍ତ ନାମ ଭାବେ ଆଇଜି ଡ୍ରୋନସ ଏହି ବିଶାଳ ମହୋତ୍ସବ ଆଡଭାନ୍ସଡ ଏରିଏଲ ସର୍ଭିଲାନ୍ସ ଓ କାଉଂଟର-ଡ୍ରୋନ ସିଷ୍ଟମଗୁଡିକୁ ନିୟୋଜିତ କରିଛି ଯାହା ସହଜ ତଦାରଖକୁ ନିଶ୍ଚିତ କରୁଛି। ଏହି ସେଟ୍ଅପକୁ ୨୭୫ ଏଆଇ-ଚାଳିତ ସିସିଟିଭି କ୍ୟାମେରା, ଲୋକଙ୍କୁ ସହଯୋଗ ପାଇଁ ଏକ ରିଅଲ-ଟାଇମ ହ୍ୱାଟସଆସପ ଚାଟ୍‌ବୋଟ, ଏକ ଇଂଟିଗ୍ରେଟେଡ କମାଣ୍ଡ ଓ କଂଟ୍ରୋଲ ସେଂଟର ଦ୍ୱାରା ଉନ୍ନତ କରାଯାଇଛି। ଉଭୟ କେନ୍ଦ୍ର ମନ୍ତ୍ରୀ ଓଡିଶା ପୋଲିସ ଓ ସେମାନଙ୍କର ସହଯୋଗୀଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ଏହି ଟେକ୍ନୋଲୋଜି-ପ୍ରଥମ ଆଭିମୁଖ୍ୟକୁ ପ୍ରଶଂସା କରିଛନ୍ତି। ଏସମ୍ପର୍କରେ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, 'ପରମ୍ପରାକୁ ସୁରକ୍ଷିତ ରଖିବା ପାଇଁ ଟେକ୍ନୋଲୋଜିକୁ କିଭଳି ବ୍ୟବହାର କରାଯାଇପାରିବ ଏହା ତାହାର ଏକ ଉତ୍କୃଷ୍ଟ ଉଦାହରଣ। ଏଆଇ ଡ୍ରୋନ ସର୍ଭିଲାନ୍ସ ଓ ରିଅଲ-ଟାଇମ କମାଣ୍ଡ କ୍ଷମତାର ସମନ୍ୱୟ ପ୍ରଶଂସନୀୟ ଅଟେ।'

## ଅବକାରୀ ବିଭାଗ ପକ୍ଷରୁ ନିଶାମୁକ୍ତ ଅଭିଯାନ

ଭୁବନେଶ୍ୱର, (ହି.ସ): ଅବକାରୀ ବିଭାଗ ପକ୍ଷରୁ ନିଶାମୁକ୍ତ ଅଭିଯାନ ଆରମ୍ଭ ହୋଇଛି। ଏହି ଅବସରରେ ଆୟୋଜିତ ଏକ ପଦଯାତ୍ରାରେ ସାମିଲ ହୋଇଛନ୍ତି ଯୁବ ପିଢ଼ି। ଆମେ ସଂକଳ୍ପ ନେବା ନିଶା ନୁହେଁ ଜୀବନ ବାଛିବା। ମାଦକ ଦ୍ରବ୍ୟ ଦୁରୁପଯୋଗ ଏବଂ ଅବୈଧ ଚୋରା ଚାଲାଣ ବିରୋଧୀ ଅନ୍ତର୍ଜାତୀୟ ଦିବସ ଅବସରରେ ଆୟୋଜିତ ହୋଇଯାଇଛି ପଦଯାତ୍ରା କାର୍ଯ୍ୟକ୍ରମ। ଅବକାରୀ ବିଭାଗ ପକ୍ଷରୁ ଆୟୋଜିତ ହୋଇଯାଇଛି ନିଶାମୁକ୍ତ ଅଭିଯାନ କାର୍ଯ୍ୟକ୍ରମ। ଏହି ଆହ୍ୱାନ ସହ ଅବକାରୀ ବିଭାଗ ମଙ୍ଗ ଧରିଛି ନିଶା ମୁକ୍ତ ଅଭିଯାନର। ରାଜ୍ୟରେ ଚୋରା ମଦ ବିକ୍ରି ହେଉ ଅବା ୧୮ ବର୍ଷରୁ କମ୍ ପିଲାଙ୍କୁ ମଦ କିଣିବା ଅବା ବିକିବା ଦଣ୍ଡନୀୟ ଅପରାଧ। ଏହି ସମସ୍ତ ଦିଗ ପ୍ରତି ବିଭାଗ ଯଥେଷ୍ଟ ଧ୍ୟାନ ଦେଉଥିବା ଦୃଢୋକ୍ତି ବା ବେଳେ ଆଗାମୀ ଦିନରେ ରାଜ୍ୟରେ ନିଶା ମୁକ୍ତ ରାଜ୍ୟ ଗଠନ କରିବା ପାଇଁ ଲକ୍ଷ୍ୟ ରଖିଛି ବିଭାଗ। ଏନେଇ ଆମେ ସଂକଳ୍ପ ନେବା ନିଶା ନୁହେଁ ଜୀବନ ବାଛିବା ସ୍ଲୋଗାନ ସହ ଏକ ସଚେତନତା ପଦଯାତ୍ରା ଆୟୋଜିତ ହୋଇଯାଇଛି। ଏହି ଅବସରରେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ, ବିଜେପି ନେତ୍ରୀ ପିଙ୍କି ପ୍ରଧାନ ସମେତ ଅବକାରୀ ବିଭାଗ ମୁଖ୍ୟ ପ୍ରମୁଖ ଉପସ୍ଥିତ ରହି କଳିଙ୍ଗ ଷ୍ଟାଡିୟମ୍ ରୁ ଜନତା ମଇଦାନ ଯାଏଁ ପଦଯାତ୍ରାରେ ସାମିଲ୍ ହୋଇଥିଲେ। ଏହି ଅବସରରେ ଏକ ସଚେତନବାର୍ତ୍ତା ଦେଇଥିଲା ଏକ ମଞ୍ଚ ଅଭିନୟ। ନିଶା ବ୍ୟବହାର କିଭଳି ଆମ ଜୀବନକୁ ନଷ୍ଟ କରୁଛି ତାହା ଦର୍ଶାଇଥିଲେ। ଆସନ୍ତା ମାସେ ଯାଏଁ ଏହି ସଚେତନତା କାର୍ଯ୍ୟକ୍ରମ ଚାଲିବ। ଟେଲିଭିଜନ କ୍ୟାମ୍ପେନ୍, ଭ୍ୟାନ ମାଧ୍ୟମରେ ସଚେତନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

## ପବିତ୍ର ରଥଯାତ୍ରାର ଶୁଭେଚ୍ଛା ଜଣାଇଲେ କେଭି ସିଂହଦେଓ

ଭୁବନେଶ୍ୱର, (ହି.ସ): ପବିତ୍ର ରଥଯାତ୍ରାର ଶୁଭେଚ୍ଛା ଜଣାଇଛନ୍ତି ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ। ନେଇ ସୋସିଆଲ ମିଡିଆ ଏକ୍ସରେ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି ଯେ, ଆଜିର ଏହି ପବିତ୍ର ରଥଯାତ୍ରା ଅବସରରେ ସମସ୍ତ ଓଡ଼ିଶା ତଥା ବିଶ୍ୱରେ ଥିବା ସମସ୍ତ ଜଗନ୍ନାଥ ପ୍ରେମୀ ଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଶୁଭକାମନା। ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଆସ୍ଥା ଏବଂ ବିଶ୍ୱାସର ଏକ ଅନନ୍ୟ ସଙ୍ଗମ, ଯାହା ଭକ୍ତି, ସଂସ୍କୃତି ଏବଂ ଐତିହ୍ୟକୁ ଏକାଠି ସଂରକ୍ଷଣ କରି ଆଗକୁ ବଢିବା ଆମ ମୂଳ ତତ୍ତ୍ୱ ବୋଲି ଦର୍ଶାଏ ଓ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ଭାବରେ, ଏବଂ ସର୍ବୋପରି, ଏହି ଓଡ଼ିଆ ମାଟିର ଜଣେ ଗର୍ବିତ ସନ୍ତାନ ଭାବରେ, ମୁଁ ମହାପ୍ରଭୁ ଶ୍ରୀଜଗନ୍ନାଥ ବୀର ବଳଭଦ୍ର ଏବଂ ମାତା ସୁଭଦ୍ରାଙ୍କ ଚରଣ କମଳରେ ମୋର ପ୍ରାର୍ଥନା ଅର୍ପଣ କରିବା ସହ ସମସ୍ତଙ୍କ ପାଇଁ ଶାନ୍ତି, ଶକ୍ତି ଏବଂ ଆଧାତ୍ମିକ ଜାଗରଣ କାମନା କରୁଛି। ଜୟ ଜଗନ୍ନାଥ।

## ନାର୍କୋଟିକ୍ସ କଂଟ୍ରୋଲ ବ୍ୟୁରୋ ପକ୍ଷରୁ ବାଇକ ରାଲି

ଭୁବନେଶ୍ୱର, (ହି.ସ): ଭୁବନେଶ୍ୱରରେ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ ପକ୍ଷରୁ ମାଦକ ଦ୍ରବ୍ୟ ଦୁରୁପଯୋଗ ଏବଂ ଅବୈଧ ଚୋରା ଚାଲାଣ ବିରୋଧୀ ଅନ୍ତର୍ଜାତୀୟ ଦିବସ ଅବସରରେ ବାଇକ ରାଲି ଅନୁଷ୍ଠିତ ହୋଇଯାଇଛି। ଏନସିବି ଭୁବନେଶ୍ୱରର ଜୋନାଲ ନିର୍ଦ୍ଦେଶକ କୂଳଦୀପ ଶର୍ମା, ସମାଜସେବୀ ସୁଚିସ୍ମିତା ପୃଷ୍ଟି, ଲିଂକନ ସୁବୁଦ୍ଧି ଓ ବାଇକର ଅମିତା ସିଂ ଯୋଗ ଦେଇ ସବୁଜ ପତାକା ଦେଖାଇ ବାଇକ ରାଲିର ଶୁଭାରମ୍ଭ କରିଥିଲେ। ଏନସିବିର ସ୍ଲୋଗାନ ଥିଲା ନିଶାକୁ ନା'। ନିଶା କାରବାର ଧରପଗଡ଼ ସହିତ ଦଣ୍ଡ ବିଧାନ ବୃଦ୍ଧି ନେଇ ଏନସିବି କାମ କରୁଛି। ଆଜିକା ଦିନର ଯୁବ ନିଶାଗ୍ରସ୍ତ ହୋଇ ପଥଭ୍ରଷ୍ଟ ହୋଇ ଗଲେଣି। ଏଭଳି ସଚେତନତା କରିବା ଦ୍ୱାରା ଲୋକ ମାନେ ସଚେତିତ ହେବେ।

## ପ୍ରବଳବର୍ଷା ପୂର୍ବାନୁମାନ ମଧ୍ୟରେ ସଂସ୍ଥାଗୁଡ଼ିକୁ ସତର୍କ ରହିବାକୁ ପରାମର୍ଶ

ଭୁବନେଶ୍ୱର, (ହି.ସ): ରାଜ୍ୟର ଅନେକ ସ୍ଥାନରେ ପ୍ରବଳ ବର୍ଷା ହେବାର ଆଶଙ୍କା କରି ଗୃହ ଓ ନଗର ଉନ୍ନୟନ ବିଭାଗ ରାଜ୍ୟର ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା (ୟୁଏଲବି)କୁ ସତର୍କ ରହିବାକୁ ଏବଂ ସମସ୍ତ ଆବଶ୍ୟକୀୟ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଜାରି କରିଛି। ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀ ୟୁଏଲବି ଗୁଡ଼ିକୁ ସମ୍ଭାବ୍ୟ ଜଳାବଦ୍ଧ ଅଞ୍ଚଳରେ ଜଳ ନିଷ୍କାସନ ନିମନ୍ତେ ପଣି ପମ୍ପକୁ ଆଗୁଆ ରଖିବା ସହ କଣ୍ଟ୍ରୋଲ ରୁମ୍ ୨୪ ଘଣ୍ଟିଆ କାର୍ଯ୍ୟକ୍ଷମ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅତ୍ୟଧିକ ବର୍ଷା ଯୋଗୁଁ ସୃଷ୍ଟି ହେଉଥିବା ଯେକୌଣସି ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଦ୍ରୁତ ପ୍ରତିକ୍ରିୟା ଦଳ ଗଠନ କରିବାର ଗୁରୁତ୍ୱ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ସତର୍କ ରହିବା ଆବଶ୍ୟକ। ଆମର ଧ୍ୟାନ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଏବଂ ନାଗରିକ ସୁରକ୍ଷା ଉପରେ ରହିବା ଉଚିତ୍। ପ୍ରତିକୂଳ ପରିସ୍ଥିତି ସମୟରେ ସହରାଞ୍ଚଳର ପ୍ରଭାବଶାଳୀ ପରିଚାଳନା ସୁନିଶ୍ଚିତ କରିବା ପାଇଁ ୟୁଏଲବି ସହିତ ଘନିଷ୍ଠ ଭାବରେ କାର୍ଯ୍ୟ କରିବାକୁ ବିଭାଗ ଏହାର ପ୍ରତିବଦ୍ଧତାକୁ ଦୋହରାଇଛି। ଲାଇନ୍ ବିଭାଗ ସହିତ ସମନ୍ୱୟ, ଜରୁରୀକାଳୀନ ମାନବ ସମ୍ବଳର ଉପଲବ୍ଧତା ଏବଂ ଅତ୍ୟାବଶ୍ୟକ ଉପକରଣର ପ୍ରସ୍ତୁତି କାର୍ଯ୍ୟର ପ୍ରମୁଖ କ୍ଷେତ୍ର ଭାବରେ ଆଲୋକପାତ କରାଯାଇଛି। ବିଭାଗ ପରିସ୍ଥିତି ଉପରେ ନିରନ୍ତର ନଜର ରଖିଛି ଏବଂ ନାଗରିକମାନଙ୍କୁ ସତର୍କ ରହିବାକୁ ଏବଂ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି କରାଯାଇଥିବା ପରାମର୍ଶ ଅନୁସରଣ କରିବାକୁ ଅନୁରୋଧ କରାଯାଇଛି।

## ମତ୍ସ୍ୟଜିବୀଙ୍କୁ ସମୁଦ୍ରକୁ ଯିବାକୁ ବାରଣ

ଭୁବନେଶ୍ୱର, (ହି.ସ): ଜୁନ୍ ୨୯ ତାରିଖ ଠାରୁ ଜୁଲାଇ ୧ ତାରିଖ ପର୍ଯ୍ୟନ୍ତ ପାଗ ଖରାପ ରହିବା ସହିତ ସମୟରେ ସମୁଦ୍ର ଅଶାନ୍ତ ରହିବ। ଓଡ଼ିଶା ଉପକୂଳରେ ପବନର ବେଗ ଘଂଟା ପ୍ରତି ୩୫ରୁ ୪୫ କି.ମି. ଏବଂ ସ୍ଥଳ ବିଶେଷରେ ୫୫ କି.ମି.କୁ ଛୁଇଁପାରେ। ଏଣୁ ଏହି ସମୟରେ ମତ୍ସ୍ୟଜିବୀମାନଙ୍କୁ ସମୁଦ୍ରକୁ ମାଛ ଧରିବାକୁ ଯିବାକୁ ବାରଣ କରାଯାଇଛି। ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ହୋଇଥିବା ଟ୍ୱିଟ୍ ରୁ ଏହି ସୂଚନା ମିଳିଛି।

## ବୀରଗୋବିନ୍ଦପୁରରେ ୪.୭୫ କୋଟି ବ୍ୟୟରେ ବିଭିନ୍ନ ସୌନ୍ଦର୍ଯ୍ୟମୂଳକ ପ୍ରକଳ୍ପ ଲୋକାର୍ପିତ

ବୀରଗୋବିନ୍ଦପୁର/ପୁରୀ/ଭୁବନେଶ୍ୱର, (ହି.ସ): ରଥଯାତ୍ରାର ଗୋଟିଏ ଦିନ ପୂର୍ବରୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁରୁବାର ପୁରୀ ଜିଲ୍ଲା ସାକ୍ଷୀଗୋପାଳ ବୀରଗୋବିନ୍ଦପୁର ସ୍ଥିତ ମାଆ ଦକ୍ଷିଣକାଳୀ ମନ୍ଦିର ପରିସରରେ ଇଣ୍ଡିଆନ ଅଏଲର ସାମାଜିକ ଦାୟିତ୍ୱ (ସିଏସଆର) ଅନ୍ତର୍ଗତ ପ୍ରାୟ ୪.୭୫ କୋଟି ବ୍ୟୟରେ ବିଭିନ୍ନ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ଗୁଡ଼ିକ ଲୋକାର୍ପଣ କରିଛନ୍ତି। ଲୋକାର୍ପିତ ହୋଇଥିବା ପ୍ରକଳ୍ପ ଗୁଡ଼ିକ ହେଲା କମ୍ୟୁନିଟି ହଲ, ବହୁମୁଖୀ ଦକ୍ଷତା ତାଲିମ କେନ୍ଦ୍ର, ଯୋଗକେନ୍ଦ୍ର, ଆଲୋକୀକରଣ ସହ ଶୌଚାଳୟ, ପାନୀୟ ଜଳର ସୁବିଧା, ପୋଖରୀ ସୌନ୍ଦର୍ଯ୍ୟକରଣ ଓ ପାର୍କ କାର୍ଯ୍ୟ। ଏହି ଅବସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି, ଆଜି ଲୋକାର୍ପିତ ପ୍ରକଳ୍ପଗୁଡ଼ିକ ବୀରଗୋବିନ୍ଦପୁର ଗ୍ରାମକୁ ଗୋଟିଏ ପର୍ଯ୍ୟଟନ କେନ୍ଦ୍ରରେ ପରିଣତ କରିବାରେ ସହାୟକ ହେବ। ସେ ଆହୁରି କହିଛନ୍ତି ଯେ ବୀରଗୋବିନ୍ଦପୁର ଗ୍ରାମର ପୁଞ୍ଜି ହେଉଛି କଳା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଲକ୍ଷପତି ଦିଦିର କଳ୍ପନା କରିଛନ୍ତି। ବହୁମୁଖୀ ଦକ୍ଷତା ତାଲିମ୍ କେନ୍ଦ୍ରରେ ଆମର ମାଆ ଭଉଣୀମାନେ ସିଲେଇ ମେସିନ୍, ହସ୍ତଶିଳ୍ପ, ପଟ୍ଟଚିତ୍ର ଆଦିର ପ୍ରଶିକ୍ଷଣ ପାଇପାରିବେ। ଆମର ଗାଁ ଝିଅମାନେ କମ୍ପୁଟର ଶିକ୍ଷା ଗ୍ରହଣ କରି ଦେଶ ଦୁନିଆର ଖବର ଜାଣିପାରିବେ। ଏହା ଦ୍ୱାରା ଏଠାରେ ଆମର ଐତିହ୍ୟ ଓ ପରମ୍ପରାକୁ ଆଗକୁ ନେବାର ବ୍ୟବସ୍ଥା କରାଯିବା ସହ ବର୍ତ୍ତମାନର ଆବଶ୍ୟକତା ଅନୁସାରେ ପ୍ରଶିକ୍ଷଣର ବ୍ୟବସ୍ଥା ହୋଇଛି। ଆଜିର ଏହି ପଦକ୍ଷେପ ଦ୍ୱାରା ଏହି ଗ୍ରାମ କଳା, ଦକ୍ଷତା ବିକାଶ ଓ ଜ୍ଞାନ ପରିପ୍ରକାଶର କେନ୍ଦ୍ର ହେବ। ଏଥିପାଇଁ ଶ୍ରୀ ପ୍ରଧାନ ଇଣ୍ଡିଆନ ଅଏଲକୁ ଧନ୍ୟବାଦ ଜଣାଇଛନ୍ତି। ଉଲ୍ଲେଖନୀୟ ଯେ, ୩ ଜୁନ୍ ୨୦୨୨ ମସିହାରେ ମୁଁ ଏହି ଗ୍ରାମକୁ ଆସି ପ୍ରକଳ୍ପ ଗୁଡ଼ିକର ଭିତିପ୍ରସ୍ତର ସ୍ଥାପନ କରିଥିଲେ। ବୀରଗୋବିନ୍ଦପୁର ହେଉଛି ଐତିହାସିକ ଗ୍ରାମ, ଯେଉଁ ସ୍ଥାନଟି ମୋ ପାଇଁ ଅତ୍ୟନ୍ତ ଶ୍ରଦ୍ଧାର କେନ୍ଦ୍ର। ଏହି ଗ୍ରାମ ୫୦୦ ବର୍ଷରୁ ଅଧିକ ପୁରୁଣା। ଆମ ଓଡ଼ିଆ ଜାତିର, ଓଡ଼ିଆ ପରମ୍ପରାର ତଥା ମହାପ୍ରଭୁଙ୍କ ସଂସ୍କୃତିର ଅନ୍ୟତମ କେନ୍ଦ୍ର। ଗ୍ରାମରେ ଜନ୍ମ ନେଇଥିବା ଅନେକ ମହାନୁଭବ ଓ ପ୍ରତିଭାବାନ ବ୍ୟକ୍ତିବିଶେଷମାନେ ପଦ୍ମ ପୁରସ୍କାର ପାଇବା ସହ ପୋଲିସ ସେବା, ଡାକ୍ତରସେବା ଓ ରାଜନୀତି ସମେତ ବିଭିନ୍ନ କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ତିଆରି କରିଛନ୍ତି। ଏହି ଗ୍ରାମ ସହ ମୋର ଦୀର୍ଘ ବର୍ଷର ସମ୍ପର୍କ ରହିଛି। ମୋର ପିଲାବେଳର ବନ୍ଧୁଙ୍କ ଆମନ୍ତ୍ରଣରେ ମୁଁ ଏଠାକୁ କାଳିପୂଜା ଦେଖିବାକୁ ଆସିଥିଲି। ବୀରଗୋବନ୍ଦପୁର ସବୁ ଦିନ ପାଇଁ ମୋର ଜୀବନର ଅବିଚ୍ଛେଦ୍ୟ ଅଙ୍ଗ ହୋଇ ରହିବ। ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ ଭାରତର ଅମୂଲ୍ୟ ଜ୍ଞାନ ଭଣ୍ଡାରକୁ ଏକାଠି କରିବାକୁ ପଡିବ। ଏଆଇ ଟୁଲର ଉପଯୋଗ କରି ଆମର ପ୍ରାଚୀନ ଜ୍ଞାନ ଆମକୁ କଣ ସହାୟତା କରିପାରେ, ଭବିଷ୍ୟତ ପାଇଁ କଣ ସହାୟକ ହୋଇପାରେ, ସେ ଦିଗରେ ଯୋଜନା କରିବା ଦରକାର। ଏହି ଅବସରରେ ଶ୍ରୀ ପ୍ରଧାନ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ସ୍ମୃତିଚାରଣ କରିବା ସହ ବକୁଳ ବନ ବିଦ୍ୟାଳୟ ମାଧ୍ୟମରେ ସେ ଆରମ୍ଭ କରିଥିବା ଶିକ୍ଷା ଓ ଜାତୀୟ ଶିକ୍ଷା ନୀତିର କ୍ରିୟାନ୍ୱୟନ ଉପରେ ମତପ୍ରକାଶ କରିଥିଲେ। ବକୁଳ ବନବିଦ୍ୟାଳୟର ପୁର୍ନବିକାଶ ପାଇଁ ଡବଲ ଇଞ୍ଜିନ ସରକାର ବିତୀୟ ପ୍ରବନ୍ଧନ କରିଥିବା କେନ୍ଦ୍ରମନ୍ତ୍ରୀ କହିଥିଲେ। ଏହି ଲୋକାର୍ପଣ କାର୍ଯ୍ୟକ୍ରମରେ ପୁରୀ ଲୋକସଭା ସାଂସଦ ତଥା ବିଜେପି ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର ଏବଂ ପୁରୀ ଜିଲ୍ଲାର ବିଭିନ୍ନ ବିଧାୟକ ଏବଂ ଅନ୍ୟାନ୍ୟ ବ୍ୟକ୍ତିବିଶେଷମାନେ ସାମିଲ ହୋଇଥିଲେ।

## ଶ୍ରୀବାଣୀକ୍ଷେତ୍ରରେ ଘୋଷଯାତ୍ରା



ଭୁବନେଶ୍ୱର, (ଡିକେ ନ୍ୟୁଜ୍): ପ୍ରତିବର୍ଷ ପରି କିସ୍ ଶ୍ରୀବାଣୀ କ୍ଷେତ୍ରରେ ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା ମହାସମାରୋହରେ ସଂପନ୍ନ ହୋଇଯାଇଛି। ଆଜି ପୂର୍ବାହ୍ନରେ ମଙ୍ଗଳ ଆରତି, ମଇଲମ, ତଡ଼ପଲାଗି, ରୋଷ ହୋମ, ଅବକାଶ, ସୂର୍ଯ୍ୟପୂଜା ଓ ରଥ ପ୍ରତିଷ୍ଠା ଆଦି ନୀତିକାନ୍ତି ନିର୍ଦ୍ଧାରିତ ନୀତି ନିର୍ଘଣ୍ଟ ଅନୁସାରେ ସଂପନ୍ନ ହେବା ପରେ କିଟ୍ ମନ୍ଦିର ଟ୍ରଷ୍ଟ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ଅପରାହ୍ନ ୩ଟାରେ ଛେରା ପହଁରା ନୀତି ସଂପନ୍ନ ହୋଇଥିଲା। ଅପରାହ୍ନ ୪ଟା ସମୟରେ ଭକ୍ତମାନେ ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଓ ମହାପ୍ରଭୁ ଜଗନ୍ନାଥଙ୍କ ରଥକୁ ନବନିର୍ମିତ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଟାଣିଥିଲେ। ଘଣ୍ଟଘଣ୍ଟା, ମୃଦଙ୍ଗ, ଖୋଳ କରତାଳ ନିନାଦ ସହ ଜୟ ଜଗନ୍ନାଥ ଧ୍ୱନୀରେ ରଥଦାଣ୍ଡ ପ୍ରକମ୍ପିତ ହୋଇଥିଲା। ଶ୍ରୀବାଣୀକ୍ଷେତ୍ର ରଥ ଯାତ୍ରାର ଏକ ବିଶେଷତ୍ୱ ହେଉଛି ଏଠାରେ ଦେବୀ ସୁଭଦ୍ରାଙ୍କ ରଥକୁ ମହିଳାମାନେ ଟାଣିଥାନ୍ତି। ପାଗ ଅନୁକୂଳ ଥିବାରୁ ଘୋଷଯାତ୍ରା ଦେଖିବା ଲାଗି ସ୍ଥାନୀୟ ଅଞ୍ଚଳରୁ ୫୦ହଜାରରୁ ଊର୍ଦ୍ଧ୍ୱ ଭକ୍ତ ସମାଗମ ହୋଇଥିଲା। ସୁସଜ୍ଜିତ ନନ୍ଦିଘୋଷ, ତାଳଧ୍ୱଜ ଓ ଦେବଦଳନ ରଥକୁ ଟାଣିବା ସହ ଭକ୍ତମାନେ ଦୈବୀକୃପା ଲାଭ କରିଥିଲେ। ସୂଚନାଯୋଗ୍ୟ, ପୁରୀ ଜଗନ୍ନାଥ ମନ୍ଦିରର ପରମ୍ପରାକୁ ଆଧାର କରି କିସ୍ ଶ୍ରୀବାଣୀ କ୍ଷେତ୍ରରେ ମହାପ୍ରଭୁଙ୍କ ସମସ୍ତ ନୀତି ଅନୁସାରେ ପୂଜା ହୋଇଥାଏ। ରଥଯାତ୍ରାରେ ମଧ ପୁରୀ ରଥଯାତ୍ରାର ସମସ୍ତ ନିୟମକୁ ଅନୁସରଣ କରାଯାଇ ଏଠାରେ ଆୟୋଜନ କରାଯାଇଥାଏ। ରଥ ନିର୍ମାଣ ପାଇଁ ପୁରୀରୁ ସ୍ୱତନ୍ତ୍ର ବିଶ୍ୱକର୍ମା, ମହାରଣା ଓ ଚିତ୍ରକର ନିଯୁକ୍ତ ହୋଇଥାନ୍ତି। ଶ୍ରୀବାଣୀ କ୍ଷେତ୍ରର ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣଠାରୁ ଆରମ୍ଭ କରି ଏଠାରେ ସମସ୍ତ ପୂଜାର୍ଚ୍ଚନା ଓ ରଥଯାତ୍ରା ପୁରୀ ଗଜପତି ମହାରାଜ ଶ୍ରୀଦିବ୍ୟସିଂହଦେବଙ୍କ ପରାମର୍ଶ ଅନୁସାରେ ସଂପନ୍ନ କରାଯାଇଥାଏ। ଶ୍ରୀକ୍ଷେତ୍ର ଘୋଷଯାତ୍ରାର ଅବିକଳ ଢ଼ାଞ୍ଚାରେ ଏଠାରେ ମଧ ମହାପ୍ରଭୁ ଜଗନ୍ନାଥ ପ୍ରଭୁ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ପାଇଁ ଯଥାକ୍ରମେ ୧୬, ୧୪ ଓ ୧୨ଚକ ବିଶିଷ୍ଟ ତିନୋଟି ରଥ ନିର୍ମାଣ କରାଯାଇଥାଏ। ନବଦିନ ବ୍ୟାପୀ ପ୍ରତିସନ୍ଧ୍ୟାରେ ମହାପ୍ରଭୁଙ୍କ ନିକଟରେ ଭଜନ ସମାରୋହ ଅନୁଷ୍ଠିତ ହେବା ସହ ମୀନାବଜାରର ବ୍ୟବସ୍ଥା କରାଯାଇଛି। ଏହି ନଅ ଦିନ ଶ୍ରୀ ଜୀଉଙ୍କ ଦର୍ଶନ ପାଇଁ ଗୁଣ୍ଡିଚା ମନ୍ଦିରରେ ଆଖପାଖ ଅଞ୍ଚଳରୁ ଭକ୍ତଙ୍କ ଗହଳି ଲାଗି ରହିଥାଏ।

## 'ପ୍ରଭୁଙ୍କ ବିଶ୍ୱ ପ୍ରେମର ଏକ କାଳଜୟୀ ବାର୍ତ୍ତା'

ଭୁବନେଶ୍ୱର, (ହି.ସ): ଆଜି ହେଉଛି ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା। ଏହି ଅବସରରେ ରଥଯାତ୍ରାର ଶୁଭକାମନା ଜଣଇଛନ୍ତି ରାଜ୍ୟପାଳ ଡ.ହରିବାବୁ କମ୍ଭମପତି। ଏନେଇ ସୋସିଆଲ ମିଡିଆ ଏକ୍ସରେ ରାଜ୍ୟପାଳ କହିଛନ୍ତି ଯେ, ପ୍ରଭୁ ଜଗନ୍ନାଥ, ପ୍ରଭୁ ବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କ ପବିତ୍ର ରଥ ଯାତ୍ରାର ଶୁଭ ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭକାମନା। ଶ୍ରୀମନ୍ଦିରରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଏହି ଦିବ୍ୟ ଯାତ୍ରା କେବଳ ଏକ ପବିତ୍ର ରୀତି ନୁହେଁ ବରଂ ଅନ୍ତର୍ଭୁକ୍ତି, ନମ୍ରତା ଏବଂ ପ୍ରଭୁଙ୍କ ବିଶ୍ୱ ପ୍ରେମର ଏକ କାଳଜୟୀ ବାର୍ତ୍ତା।

## ବେଆଇନ ମାଦକ କାରବାର ବିରୋଧରେ ୱାକାଥନ

ଭୁବନେଶ୍ୱର,(ହି.ସ): ଅବକାରୀ ବିଭାଗ ପକ୍ଷରୁ ବେଆଇନ ମାଦକ କାରବାର ବିରୋଧରେ ପ୍ରଥମ ପର୍ଯ୍ୟାୟ ସଚେତନତା କାର୍ଯ୍ୟକ୍ରମର ଶେଷଦିନରେ ଏକ ଗ୍ରାଣ୍ଡ ୱାକାଥନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ୱାକାଥନ ବେଆଇନ ମାଦକ ଦ୍ରବ୍ୟର ବ୍ୟବହାର ଓ ଅବୈଧ ଚାଲାଣ ବିରୋଧରେ ସଚେତନତା ସୃଷ୍ଟି କରିବା ନେଇ ଆୟୋଜିତ ଏହି ୱାକାଥନ ଆଜି ସକାଳ ୬.୩୦ରୁ କଳିଙ୍ଗ ଷ୍ଟାଡିଅମର ଗେଟ୍ ନମ୍ବର ୪ରୁ ଆରମ୍ଭ ହୋଇ ଜନତା ମୈଦାନ ପର୍ଯ୍ୟନ୍ତ ଯାଇଥିଲା। ଏହି ୱାକାଥନକୁ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉଦ୍‌ଘାଟନ କରି କହିଲେ ଯେ ବର୍ତ୍ତମାନର ଯୁବସମାଜକୁ ବେଆଇନ ମାଦକ ଦ୍ରବ୍ୟ କବଳରୁ ଦୂରେଇ ରଖି ଏକ ସୁସ୍ଥ ଓ ନିରାମୟ ସମାଜ ଗଠନ କରିବା ଆମର ଲକ୍ଷ୍ୟ। ଏଣୁ ସବୁବର୍ଗର ଲୋକଙ୍କୁ ନେଇ ବେଆଇନ ମାଦକ ଦ୍ରବ୍ୟ ବିରୋଧରେ ବର୍ଷବ୍ୟାପୀ ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ସେ ପ୍ରକାଶ କରିଥିଲେ। ଉତ୍ସବରେ ବିଭାଗର କମିଶନର ତଥା ଆୟୁକ୍ତ ଗୁହା ପୁନମ ତାପସ କୁମାର, ଅବକାରୀ କମିଶନର ଧର୍ମେନ୍ଦ୍ର ମଲ୍ଲିକ, ଓଡ଼ିଶା ରାଜ୍ୟ ପାନୀୟ ନିଗମ ଲିଃର ପରିଚାଳନା ନିର୍ଦ୍ଦେଶକ ଅମ୍ବର କରଙ୍କ ସମେତ ବରିଷ୍ଠ ଅଧିକାରୀ ଓ ସ୍କୁଲ ଓ କଲେଜର ଛାତ୍ରଛାତ୍ରୀ, କ୍ରୀଡ଼ାବିତ୍ ମାନେ ଉପସ୍ଥିତ ଥିଲେ। ଏହି ଅବସରରେ ମୋକ୍ଷ ଡାନ୍ସ ଗ୍ରୁପ୍ ପକ୍ଷରୁ 'ଆମ ସଂକଳ୍ପ' ନାମକ ଅଭିଯାନ ସଂଗୀତରେ ନୃତ୍ୟ ପ୍ରଦର୍ଶନ କରିଥିଲେ। ଏହି ପରେ ଲିପ୍‌ସା ଗ୍ରୁପ୍ ଦ୍ୱାରା ନିଶା ମୁକ୍ତି ଉପରେ ଏକ ନାଟକ ପରିବେଷିତ ହୋଇଥିଲା। ଶେଷରେ 'ଭିଗ୍‌ନାଞ୍ଜି ବ୍ୟାଣ୍ଡ' ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିଲା। ସୂଚନା ଯୋଗ୍ୟ ଯେ ୨୦୨୫ ମେ ୩୧ରୁ ଆରମ୍ଭ ହୋଇଥିବା ଏହି ମାସବ୍ୟାପୀ ଅଭିଯାନକୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିଲେ।

## ଆଗାମୀ ୨୪ ଘଣ୍ଟା ମଧ୍ୟରେ ଝଡ଼ କିମ୍ବା ବଜ୍ରପାତ



ଭୁବନେଶ୍ୱର, (ହି.ସ): ଆଗାମୀ ୭ ଦିନ ମଧ୍ୟରେ ଝଡ଼ କିମ୍ବା ବଜ୍ରପାତ, ପବନ, କେତେକ ସ୍ଥାନରେ ଭୀଷଣ ବର୍ଷା ଓ କେତେକ ସ୍ଥାନରେ ଭୀଷଣରୁ ଅତି ଭୀଷଣ ବର୍ଷା ନେଇ ଚେତାବନୀ ଜାରି କରିଛି ପାଣିପାଗ ବିଭାଗ। ଆଗାମୀ ୨୪ ଘଂଟା ମଧ୍ୟରେ ଝଡ଼ କିମ୍ବା ବଜ୍ରପାତ, ପବନ ଓ ଅତି ଭୀଷଣ ବର୍ଷା ନେଇ ୬ ଜିଲ୍ଲା (ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ବରଗଡ଼)କୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ଏହା ବ୍ୟତୀତ ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ ୧୪ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ୨୮ ତାରିଖରେ ଝଡ଼ କିମ୍ବା ବଜ୍ରପାତ, ପବନ ଓ ଭୀଷଣ ବର୍ଷା ନେଇ ୫ ଜିଲ୍ଲା (କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼)କୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ଝଡ଼ କିମ୍ବା ବଜ୍ରପାତ, ପବନ ନେଇ ୧୧ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ଭୀଷଣ ବର୍ଷା ନେଇ ୨୯ ତାରିଖରେ ୫ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ୩୦ ତାରିଖରେ ଭୀଷଣରୁ ଅତିଭୀଷଣ ବର୍ଷା ନେଇ ୩ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ଭୀଷଣ ବର୍ଷା ନେଇ ୯ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ଜୁଲାଇ ୧ ତାରିଖରେ ଭୀଷଣରୁ ଅତିଭୀଷଣ ବର୍ଷା ନେଇ ୩ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ଭୀଷଣ ବର୍ଷା ନେଇ ୧୨ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ସେହିପରି ଭୀଷଣ ବର୍ଷା ନେଇ ୨ ତାରିଖରେ ୫ ଜିଲ୍ଲା ଏବଂ ୩ ତାରିଖରେ ୫ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ହୋଇଥିବା ଟ୍ୱିଟ୍ ରୁ ଏହି ସୂଚନା ମିଳିଛି।

## ସମ୍ପାଦକୀୟ

# ଶିକ୍ଷକ ଓ ଶିକ୍ଷାନୁଷ୍ଠାନ

ଭାରତରେ ଜ୍ଞାନ ଓ ଗୁରୁ ଯୁଗେ ଯୁଗେ ସମ୍ମାନିତ ହୋଇଛନ୍ତି କିନ୍ତୁ ଆଜିର ସମାଜରେ ତଥା କଥିତ ଜ୍ଞାନ ଓ ଜ୍ଞାନଦାତା ଗୁରୁଙ୍କର ସମ୍ମାନ ସେହି ପରି ନାହିଁ। ଦିନଥିଲା ଏହି ଦେଶରେ ବିଦ୍ୟାର୍ଥୀଙ୍କ ପାଇଁ ଗୁରୁ ସ୍ୱୟଂ ଭଗବାନଙ୍କ ରୂପେ ହେଉଥିଲେୟ ଆଜି ସେ ସମୟ ଆଉ ରହିଲା ନାହିଁ। ଗୁରୁ ଓ ଶିଷ୍ୟଙ୍କ ଭିତରେ ସେ ସମ୍ପର୍କ ରହିନିୟ ଗୁରୁ ବା ଶିକ୍ଷକ ଆଜିକାଲି ଆଦର୍ଶର ଏକ ପ୍ରତିମୂର୍ତ୍ତୀ ହୋଇ ଠିଆ ହୋଇ ନାହାନ୍ତି ବରଂ ଅନେକ ସ୍ଥାନରେ ଗୁରୁ ବା ଶିକ୍ଷକ ନିଜର ଲାଭ ପାଇଁ କିମ୍ବା ପଇସା ପାଇଁ କାମ କରିଥାଆନ୍ତି।

ଶିକ୍ଷାନୁଷ୍ଠାନ ଗୁଡିକରେ ନାନା ଅସାମାଜିକ କାର୍ଯ୍ୟ ଦେଖିବାକୁ ମିଳୁଛି। ଶିକ୍ଷକ ମାନେ ପଇସା ନେଇ ଛାତ୍ର ଛାତ୍ରୀଙ୍କୁ ପାସ କରିବା ଛାତ୍ରୀଙ୍କ ସହିତ ଅସଦାଆଚରଣ କରିବା ମଧ୍ୟ ଦୃଷ୍ଟି ଗୋଚର ହୋଇଛି। ସରକାରୀ ସ୍କୁଲରେ ଛାତ୍ର ଛାତ୍ରୀଙ୍କୁ ବିତରଣ କରାଯାଇଥିବା ୟୁନିଫର୍ମ ଗୁଡ଼ିକୁ ନିର୍ଦ୍ଧାରିତ ମୂଲ୍ୟରେ ନ କିଣି କମ ପଇସାରେ କିଣାଯାଇ ସେଥିରୁ ପଇସା ଆତ୍ମସାତ କରିବା ଘଟଣା ମଧ୍ୟ ଦେଖିବାକୁ ମିଳୁଛି। ସରକାରୀ ସ୍କୁଲରେ ବିତରଣ କରାଯାଇଥିବା ଖାଦ୍ୟରେ ସମୟ ସମୟରେ ଅନେକ ପ୍ରକାର ଆନିୟମିତା ଦୃଷ୍ଟି ଗୋଚର ହୋଇଛି। ବିଗତଦିନ ପାଇଖିନା ଭିତରେ ପିଲାଙ୍କୁ ପାଠ ପଢାଉଥିବା ଦୃଶ୍ୟ ଦୃଷ୍ଟି ଗୋଚର ହୋଇଥିଲା। ଆମର ଶିକ୍ଷାନୁଷ୍ଠାନ ଓ ଶିକ୍ଷକ ମାନେ ଯଦି ଦେଶର ଭବିଷ୍ୟତ ହେବାକୁ ଯାଉଥିବା ଶିଶୁ ମାନଙ୍କୁ ସ୍ୱ ଶିକ୍ଷାରୁ ବଞ୍ଚିତ କରିବେ ତାହେଲେ ଦେଶ କେଉଁ ଦିଗକୁ ଗତି କରିବ ?

ବର୍ତ୍ତମାନ ସମଗ୍ର ବିଶ୍ୱ ବିନାଶ ଦିଗକୁ ଗତି କରୁଛି। ମାନବ ସମାଜ ସ୍ୱାର୍ଥର ମୁହାଣ ପାଖରେ ଠିଆ ହୋଇଛି। ଯୁଦ୍ଧ ଓ ନରସଂହାର ଅହରହ ଚାଲିଛି। ଯେଉଁ ଦେଶ ପାଖରେ ଯେତେ ସଂଖ୍ୟା ରେ ମାରଣାସ୍ତ୍ର ରହିଛି ସିଏ ସେତେ ଶକ୍ତିଶାଳୀ ବୋଲି ଗଣତି ହୋଇଛି। ଆମର ପରିବେଶ ନଷ୍ଟ ହୋଇ ଚାଲିଛିୟ ପ୍ରଦୂଷଣ ଆକାଶ ଛୁଇଁଲାଣି ଏହି ସମୟରେ ଦେଶର ଶିକ୍ଷା ବ୍ୟବସ୍ଥା ଯଦି କଳଙ୍କିତ ହେବ ତାହେଲେ ଭାରତ ପରି ଏକ ମହାନ ଦେଶର ଭବିଷ୍ୟତ କଣ ହେବ। ଭାରତର ଶିକ୍ଷା ପଦ୍ଧତି ବ୍ୟୟ ସାପେକ୍ଷ ହୋଇଗଲାଣି। ସରକାରୀ ଶିକ୍ଷାନୁଷ୍ଠାନ ଗୁଡ଼ିକ ନିଜ ମାନଦଣ୍ଡକୁ ବଢାଇ ପାରୁନାହାନ୍ତି। ଛତୁ ଫୁଟିଲା ପରି ବଢ଼ି ଯାଇଥିବା ଘରୋଇ ବା ପ୍ରାଇଭେଟ ସ୍କୁଲ ଗୁଡିକରେ ସ୍କୁଲଫିସ ସାଧାରଣ ଲୋକଙ୍କ ପହଠାରୁ ଦୂରରେୟମୋଟା ଟଙ୍କା ଦେଇ ଅଯୋଗ୍ୟ ବିଦ୍ୟାର୍ଥୀ ମାନେ ଡାକ୍ତର ଓ ଇଂଜିନିୟର ହୋଇ ଯାଉଛନ୍ତି। ଯୋଗ୍ୟତା ପଇସା ଏବଂ କୋଟା ରାଜନୀତି ଆଗରେ ହାରିଯାଉଛି।

ଭାରତୀୟ ସମ୍ବିଧାନର ୮୬ ତମ ସଂଶୋଧନ ରେ ଧାରା ୨୧ଇ କୁ ଅର୍ନ୍ତଭୁକ୍ତ କରାଗଲା। ଏଥିପାଇଁ କି ଭାରତର ସମସ୍ତ ଶିଶୁ ଶିକ୍ଷା ପାଇପାରିବେ। କୌଣସି ବି ଶିଶୁ ଶିକ୍ଷା ରୁ ବଞ୍ଚିତ ହେବନାହିଁ। ଏହି ଧାରା ଅନୁସାରେ ୬ ବର୍ଷ ଠାରୁ ୧୪ ବର୍ଷର ଶିଶୁ ମାନଙ୍କୁ ସରକାରଙ୍କ ତରଫରୁ ନିଃଶୁଳ୍କବା ବିନା ଖର୍ଚ୍ଚରେ ଶିକ୍ଷା ଦିଆଯିବା ଏବଂ ଶିକ୍ଷା ସେମାନଙ୍କ ଫଣ୍ଡାମେଣ୍ଟାଲ ରାଇଟ ବା ମୌଳିକ ଅଧିକାରରେ ଅର୍ନ୍ତଭୁକ୍ତ କରାଗଲା। ଏହି ମୌଳିକ ଅଧିକାରକୁ ଏପ୍ରେଲ ୧-୨୦୧୦ ରେ ଲାଗୁ କରାଗଲା। ଏହା ସହିତ ସରକାରୀ ଶିକ୍ଷାନୁଷ୍ଠାନରେ ସିକ୍ଷାରତ ଶିକ୍ଷକଙ୍କୁ ଟ୍ୟୁସନ ନ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଗଲା। କିନ୍ତୁ ଆଜିକାଲି ସରକାରୀ ଅନୁଷ୍ଠାନରେ ଶିକ୍ଷାରତ ଶିକ୍ଷକ ଓ ଶିକ୍ଷୟତ୍ରୀମାନେ ଘରୋଇ ଟ୍ୟୁସନ କରୁଛନ୍ତି। ଶିକ୍ଷାନୁଷ୍ଠାନକୁ ସମୟ ଦେଇପାରୁନାହାନ୍ତି । ସରକାରୀ ଶିକ୍ଷକଙ୍କୁ ଘରୋଇ ଟ୍ୟୁସନ ନକରିବା ପାଇଁ ନିର୍ଦ୍ଦେଶ ଦେବା ପଛରେ ସରକାରଙ୍କ ଏହି ଉଦ୍ଦେଶ୍ୟ ରହିଥିଲେ ଯେ ସରକାରୀ ଶିକ୍ଷକ ମାନେ ନିଜର ସମସ୍ତ ସମୟ ନିଜେ କାମ କରୁଥିବା ଶିକ୍ଷାନୁଷ୍ଠାନ ପାଇଁ ଉତ୍ସର୍ଗ କରିବେ। ଯଦି ଅର୍ଥର ପ୍ରଲୋଭନରେ ପଡ଼ି ଟ୍ୟୁସନ କରିବେ ତାହେଲେ ସେମାନେ ଛାତ୍ରଛାତ୍ରୀଙ୍କ ପାଇଁ ନିରପେକ୍ଷ ହୋଇ ପାରିବେ ନାହିଁ।

ଯେତେବେଳେ ଯାଏଁ ଦେଶର ଶିକ୍ଷା ଅନୁଷ୍ଠାନ ଗୁଡ଼ିକ ନୈତିକତାର ମାନଦଣ୍ଡକୁ ସମ୍ମାନ ଦେବେନାହିଁ ସେତେବେଳେ ଯାଏଁ ଆମେ ଆମର ଭବିଷ୍ୟତ ଆମର ଶିଶୁ ମାନଙ୍କୁ ସଠିକ୍ ଶିକ୍ଷା ଦେଇ ପାରିବା ନାହିଁ। ଆମ ଦେଶର ଆଦର୍ଶ ଧରାଶାୟୀ ହେବ ଆମର ଭବିଷ୍ୟତ ମଧ୍ୟ ଅନିଶ୍ଚିତ ତା ଭିତରେ ଗତି କରିବ। ଶିକ୍ଷକ ବା ଅଧ୍ୟାପକଙ୍କୁ ତାଲିମ ଦେଲାବେଳେ ଏ ସମସ୍ତ ସମସ୍ୟାକୁ ଆଖି ଆଗରେ ରଖି ତାଲିମ ଦିଆଯିବା ଦରକାର। ଅସାମାଜିକ କାର୍ଯ୍ୟରେ ଲିପ୍ତ ହେଉଥିବା ଶିକ୍ଷକଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ହେଲେ ଶିକ୍ଷାନୁଷ୍ଠାନ ସୁଚାରୁରୂପେ ଚାଲିପାରିବ। ନିକଟରେ ବ୍ରହ୍ମପୁରର ଏମକେଜି ମେଡିକାଲ କଲେଜର ଡିନ ବା ପ୍ରିନ୍ସିପାଲଙ୍କ ତରଫରୁ ବାରମ୍ବାର ଚେତାବନୀ ଦେବାପରେ ବି ସିନିୟର ଛାତ୍ରଙ୍କ ଦ୍ୱାରା ଜୁନିୟର ଛାତ୍ରଙ୍କୁ ରେଗିଂ କରିବା ଘଟଣା ଲୋକଲୋଚନକୁ ଆସିଥିଲା ଏବଂ ସିନିୟର୍ ଛାତ୍ରଙ୍କୁ ଗିରଫ ମଧ୍ୟ କରାଗଲା। ଭାରତୀୟ ଏଜୁକେସନ ଇନଷ୍ଟିଚ୍ୟୁସନ୍ ରେ କୌଣସି ଛାତ୍ର ଛାତ୍ରୀଙ୍କୁ ରେଗିଂ କରିବା ଏକ ଦଣ୍ଡନୀୟ ଅପରାଧ। ସମସ୍ତେ ଶିକ୍ଷାନୁଷ୍ଠାନରେ ରେଗିଂକୁ ବନ୍ଦ କରାଯାଇଅଛି କିନ୍ତୁ ଅନେକ ସ୍ଥାନ ରେ ରେଗିଂ ଏବେ ମଧ୍ୟ ଚାଲିଛି। ଶିକ୍ଷାନୁଷ୍ଠାନରେ ଯଦି ରେଗିଂ ବନ୍ଦ କରାଯାଏ ତାହେଲେ ନୂଆ ଆସୁଥିବା ଛାତ୍ର ଛାତ୍ରୀମାନେ ଭୟଭୀତ ହେବେନାହିଁ।

## ଆପଣଙ୍କ ମତାମତ

**ଡୁମାଣୀ ଖବର ପକ୍ଷରୁ ପାଠକଙ୍କ ମତାମତ ଓ ଆବଶ୍ୟକୀୟ ପରାମର୍ଶ ଗ୍ରହଣ କରାଯିବ। ପାଠକମାନେ ସେମାନଙ୍କର ପ୍ରବନ୍ଧ ଓ ସମୟୋପଯୋଗୀ ଗଳ୍ପ ତଥା ଆପଣଙ୍କ ଅଞ୍ଚଳର ସମସ୍ୟା ସମ୍ପର୍କରେ ଆମକୁ ସୂଚନା ଦେଲେ ଆମେ ସେଥିପ୍ରତି ଗୁରୁତ୍ୱ ଦେବୁ ଏବଂ ତାହାକୁ ଆବଶ୍ୟକସ୍ଥଳେ ଆମ ସମ୍ବାଦପତ୍ରରେ ପ୍ରକାଶ କରିବୁ ।**

**Mob/ whatsapp : 9090962011**
**Ph. No. : 0674-2975387**
**E-mail : dumanikhabar2020@gmail.com**

# ମୋଦୀଙ୍କ ସାଇପ୍ରସ ଗସ୍ତ ଓ ତୁର୍କୀକୁ ବାର୍ତ୍ତା



ଡ. ସମନ୍ୱୟ ନନ୍ଦ

ପ୍ରଧାନମନ୍ତ୍ରୀ ଗତ କିଛି ଦିନ ତଳେ ଭୂମଧ୍ୟସାଗର ଅଂଚଳରେ ଥିବା ଦ୍ୱୀପ ଦେଶ ସାଇପ୍ରସ ଗସ୍ତ କରିଥିଲେ । ଏହି ଅଂଚଳ ଗୁଡିକରେ ଭାରତର କଣ ଭୂ ରଣନୈତିକ ସ୍ୱାର୍ଥ ରହିଛି ? ଏହି ଛୋଟ ଦେଶକୁ ଗସ୍ତ କରିବାର ଉଦ୍ଦେଶ୍ୟ କଣ ଥିଲା ? ଏହା ଦ୍ୱାରା ଭାରତ କଣ ବାର୍ତ୍ତା ଦେବାକୁ ଚାହୁଁଥିଲା ? ଏହି ସବୁ ବିନ୍ଦୁ ଉପରେ ଏହି ଲେଖାରେ ଆଲୋଚନା କରିବା । ତୁର୍କୀର ରାଷ୍ଟ୍ରପତି ଏର୍ଦୋଗାନ ଗତ କିଛି ବର୍ଷ ହେଲା ମୁସଲମାନ ମାନଙ୍କର ଖଲି । ହେବାର ସ୍ୱପ୍ନରେ ବିଭୋର ଅଛନ୍ତି । ତୁର୍କୀର ପୂର୍ବବର୍ତ୍ତୀ ଶାସକ ଆତାତୁର୍କ ତୁର୍କୀକୁ ଇସଲାମୀ କଟ୍ଟରତାରୁ ଦୂର କରି ସେକୁଲାର ଦେଶ କରିବାକୁ ଯେଉଁ ପଦକ୍ଷେପ ମାନ ନେଇଥିଲେ ତାକୁ ବଦଳାଇ ଏର୍ଦୋଗାନ ପୁଣି ଥରେ ତୁର୍କୀକୁ ମୁକାଳୀନ ଇସଲାମୀ ଦେଶରେ ପରିବର୍ତ୍ତନ କରି ସାରା ବିଶ୍ୱର ମୁସଲମାନ ମାନଙ୍କର ନେତୃତ୍ୱ କରିବାର ସ୍ୱପ୍ନ ଦେଖୁଛନ୍ତି । ଏଥିରେ ମଧ୍ୟ ଭାରତକୁ କୌଣସି ପ୍ରକାର ଆପତ୍ତି ନ ଥିଲା । ହେଲେ ଏର୍ଦୋଗାନ ଏତିକିରେ ସୀମିତ ରହି ନାହାନ୍ତି । ସେ ମିଳିତ ଜାତିସଂଘ ପରି ଅନ୍ୟ ବୈଶ୍ୱିକ ମଂଚ ଗୁଡିକର ପ୍ରୟୋଗ ବିଶେଷ ଭାବେ ଜାମ୍ମୁ କାଶ୍ମୀର ପ୍ରସଙ୍ଗକୁ ନେଇ ଭାରତ ବିରୁଦ୍ଧରେ କରି ଆସୁଛନ୍ତି । ପାକିସ୍ତାନ ସହ ମିଳିତ ସୈନ୍ୟ ଅଭ୍ୟାସ ହେଉ ବା ଇସଲାମିକ ସହଯୋଗ ସଂଗଠନରେ ପାକିସ୍ତାନକୁ ସମର୍ଥନ ପ୍ରଦାନ କରିବା ହେଉ, ତୁର୍କୀର ଆଭିମୁଖ୍ୟ ଭାରତ ବିରୋଧରେ ଅଧିକ ଆକ୍ରମଣାତ୍ମକ ହୋଇଛି । ତୁର୍କୀ ପାକିସ୍ତାନର ରଣନୈତିକ ଉଦ୍ଦେଶ୍ୟକୁ ସମର୍ଥନ କରିବାରେ କେବଳ ବକ୍ତବ୍ୟ ଦେବା ଯାଏ ସୀମିତ ହୋଇ ରହି ନାହିଁ ବରଂ ପାକିସ୍ତାନ ସହ ପ୍ରତିରକ୍ଷା ସହଯୋଗ ମଧ୍ୟ ଦେବା ସ୍ପଷ୍ଟ ହୋଇଛି । ଗତ ଅପରେସନ ସିନ୍ଦୁରରେ ଏହାର ପ୍ରମାଣ ମ୍ଭ ଦେଖିବାକୁ ମିଳିଛି ।

ତେଣୁ ଭାରତର ପ୍ରତିକ୍ରିୟା ତୁର୍କୀକୁ ନେଇ ଏଥର କଠୋର ହୋଇଛି । ତେବେ ଭାରତର ପ୍ରତିକ୍ରିୟାକୁ ଭାବନାତ୍ମକ କିମ୍ବା ତ୍ୱରିତ ପ୍ରତିକ୍ରିୟା ବୋଲି କୁହାଯାଇ ପାରିବ ନାହିଁ ବରଂ ଭାରତର ପ୍ରତିକ୍ରିୟାକୁ ଅତ୍ୟନ୍ତ ଭାବି ଚିନ୍ତି ଓ ରଣନୈତିକ ବିଚାରକୁ ନେଇ ବୋଲି କୁହାଯାଇ ପାରିବ । ତୁର୍କୀ ସହ ପ୍ରତ୍ୟକ୍ଷ ଉତ୍ତେଜନା ବଢାଇବା ପରିବର୍ତ୍ତେ ଭାରତ ସେହି ଦେଶ ମାନଙ୍କ ସହ ଦୀର୍ଘକାଳୀନ ସମ୍ପର୍କକୁ ମଜବୂତ କରିବା ଦିଗରେ ପଦକ୍ଷେପ ନେଉଛି, ଯେଉଁ ଦେଶ ମାନେ ତୁର୍କୀର ଆଂଚଳିକ ମହତ୍ୱାକାଂକ୍ଷା କାରଣରୁ ନିଜକୁ ବିପଦରେ ବୋଲି ଅନୁଭବ କରିଥାନ୍ତି । ଯେପରିକି ଗ୍ରୀସ, ଆର୍ମେନିଆ, ଇଜିପ୍ଟ ଓ ଏବେ ସାଇପ୍ରସ । ପ୍ରଧାନମନ୍ତ୍ରୀ ମୋଦୀଙ୍କ ସାଇପ୍ରସର ଐତିହାସିକ ଯାତ୍ରା କେତେ ଗୁରୁତ୍ୱପୂର୍ଣ୍ଣ ତାହା ବୁଝିବା ପୂର୍ବରୁ ତୁର୍କୀ ଓ ସାଇପ୍ରସ ମ୍ଭରେ ଥିବା ବିବାଦର ଇତିହାସର ପୃଷ୍ଠଭୂମି ଉପରେ ଦୃଷ୍ଟି ପକାଇବା ଉଚିତ ହେବ । ୧୯୭୪ ମସିହାରେ ସାଇପ୍ରସରେ ଶାସନ ପରିବର୍ତ୍ତନ ପାଇଁ ପଡୋଶୀ ଗ୍ରୀସ ସେନାର ସହାୟତାରେ ଏକ ବି'ଳ ସୈନ୍ୟ ଉଦ୍ୟମ ହୋଇଥିଲା । ଏହି ସମୟରେ ତୁର୍କୀ ଉତ୍ତର ସାଇପ୍ରସ ଉପରେ ଆକ୍ରମଣ କରି ଦେଇଥିଲା ଓ କିଛି ଅଂଚଳକୁ ଅଧିକାର କରି ନେଇଥିଲା । ଯଦିଓ ପରେ ସାଇପ୍ରସରେ ସ୍ଥିତି ସାମାନ୍ୟ ହୋଇଯାଇଥିଲା ଓ ଆଇନଗତ ଭାବେ ସେଠାରେ ସରକାର ଗଠିତ ହୋଇଥିଲା, ହେଲେ ତୁର୍କୀ ଉକ୍ତ ଅଂଚଳରୁ ସେନାକୁ ପ୍ରତ୍ୟାହାର କରି ନ ଥିଲା । ତେଣୁ ତୁର୍କୀ ଆଜି ମଧ୍ୟ ସାଇପ୍ରସର ଏକ ତୃତୀୟାଂଶ ଭୂମି ଉପରେ କବ୍ଜା କରି ବସିଛି ଓ ସେଠାରେ ସ୍ୱୟଂଘୋଷିତ ଉତ୍ତର ସାଇପ୍ରସ ତୁର୍କୀ ଗଣରାଜ୍ୟକୁ ସମର୍ଥନ ଦେଉଛି । ଏହାକୁ ତୁର୍କୀ ବ୍ୟତୀତ ଅନ୍ୟ କେଉଁ ଦେଶ ମାନ୍ୟତା ଦେଇ ନାହାନ୍ତି । ଏଠାରେ ଆଉ ଏକ କଥା ଉଲ୍ଲେଖ କରିବା ଉଚିତ ହେବ ଯେ ଏହି କବ୍ଜା କେବଳ ରାଜନୈତିକ ନୁହେଁ ବରଂ ଏହାର ଗୁରୁତର ସାମରିକ ଓ ଆର୍ଥିକ ପ୍ରଭାବ ମଧ୍ୟ ରହିଛି । ତୁର୍କୀ ବାରମ୍ବାର ସାଇପ୍ରସର ସ୍ୱତନ୍ତ୍ର ଆର୍ଥିକ ଜୋନକୁ ଚ୍ୟାଲେଂଜ କରୁଥିବା ଦେଖିବାକୁ ମିଳୁଛି । ଏହା ବାଦ ତୁର୍କୀ ବାରମ୍ବାର ବିବାଦୀୟ ଜଳ ସୀମାରେ ନିଜର ଜାହାଜ ପଠାଉଛି ଓ ଆନ୍ତର୍ଜାତିକ ସାମୁଦ୍ରିକ ଆଇନକୁ ଉଲ୍ଲଂଘନ କରୁଛି ।

ତେଣୁ ଦେଖିବାକୁ ଗଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସାଇପ୍ରସ ଭଳି ଏକ କ୍ଷୁଦ୍ର ଦ୍ୱୀପ ଦେଶକୁ ଯାତ୍ରା କେବଳ ଦ୍ୱିପାକ୍ଷିକ କୂଟନୈତିକ କାର୍ଯ୍ୟକ୍ରମ ନୁହେଁ ବରଂ ଏହା କିଛି ଅଂଚଳକୁ ଅନ୍ୟ ଦେଶ ଦ୍ୱାରା ଅଧିକାର କରାଯାଇଥିବା ଦେଶ ସହ ଠିଆ ହେବା ପ୍ରତୀକାତ୍ମକ ଓ ରଣନୈତିକ ବାର୍ତ୍ତା ଅଟେ । ଭାରତ ଏହି ବାର୍ତ୍ତା ସ୍ପଷ୍ଟ ଶବ୍ଦରେ ଦେଇଛି ଯେ ତୁର୍କୀର ପ୍ରତ୍ୟକ୍ଷ ବିରୋଧୀ ସହ ଭାରତ ତାର ପ୍ରଗାଢତା ବଢାଉଛି । ସାଇପ୍ରସ ବିଷୟରେ ଯଦି ଆମେ ଦେଖିବା ତେବେ ପାଇବା ଯେ ବିଭିନ୍ନ ଆନ୍ତର୍ଜାତିକ ମଂଚରେ ସେ ସବୁବେଳେ ଭାରତର ସମର୍ଥନ କରି ଆସୁଛି । ୧୯୯୮ ମସିହାରେ ଭାରତରେ ପରମାଣୁ ପରୀକ୍ଷଣ ହେଉ ବା ମିଳିତ ଜାତିସଂଘର ସୁରକ୍ଷା ପରିଷଦରେ ଭାରତକୁ ସ୍ଥାୟୀ ସଦସ୍ୟତାର ପ୍ରଦାନ କରିବାର ବିଷୟ ହେଉ ସାଇପ୍ରସ ସବୁବେଳେ ଭାରତର ସମର୍ଥନ କରି ଆସିଛି । କାଶ୍ମୀରକୁ ନେଇ ସେ କେବେ ହେଲେ ତୁର୍କୀ ଭଳି ଇସଲାମୀ ଦେଶ ମାନଙ୍କର ଆଭିମୁଖ୍ୟକୁ ସମର୍ଥନ କରି ନାହିଁ। ଭାରତ ମଧ୍ୟ ପ୍ରତି ବଦଳରେ ସାଇପ୍ରସର କ୍ଷେତ୍ରୀୟ ଅଖଣ୍ଡତାର ସମ୍ପୂର୍ଣ୍ଣ ସମର୍ଥନ କରିଛି । ପ୍ରଧାନମନ୍ତ୍ରୀ ମୋଦୀଙ୍କ ଏହି ଯାତ୍ରା ସାଇପ୍ରସ ସହ ଏହି ପୁରୁଣା ବିଶ୍ୱାସଯୋଗ୍ୟ ସମ୍ପର୍କକୁ ଏକ ନୂଆ ରଣନୈତିକ ଭାଗିଦାରୀରେ ପରିବର୍ତ୍ତିତ କରୁଛି । ଏଥିରେ ଶକ୍ତି, ଡିଜିଟାଲ କରିଡର, ସାମୁଦ୍ରିକ ସୁରକ୍ଷା ଓ ପ୍ରତିରକ୍ଷା ଭଳି କ୍ଷେତ୍ରରେ ସହଯୋଗ ପାଇଁ ବାଟ ସୃଷ୍ଟି ହୋଇଛି । ଏଠାରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯିବା ଉଚିତ ହେବ ଯେ ଭାରତ ଏହି ଅଂଚଳରେ ତୁର୍କୀକୁ ଘେରାବନ୍ଦୀ କରିବା ଦିଗରେ ପୂର୍ବରୁ ହିଁ କାମ କରୁଛି । ତୁର୍କୀର ବିରୋଧୀ ଦେଶମାନଙ୍କ ଭାରତ ତାର ସମ୍ପର୍କକୁ ନିବିଡ କରିବାରେ ଲାଗିଛି । ସାଇପ୍ରସର ପଡୋଶୀ ଦେଶ ଆର୍ମେନିଆ ସହ ଏହି ପ୍ରତିରକ୍ଷା ଭଳି କ୍ଷେତ୍ରରେ ଭାରତ ପୂର୍ବରୁ ହିଁ ସକ୍ରିୟ ଭୂମିକା ନିର୍ବାହ କରୁଛି । ଆର୍ମେନିଆ ମଧ୍ୟ ତୁର୍କୀର ଶତ୍ରୁ ଦେଶ ଓ ଘୋର ବିରୋଧୀ । ୨୦୨୩ ମସିହାରେ ଭାରତ ଆର୍ମେନିଆକୁ ଡ୍ରୋନ, କ୍ଷେପଣାସ୍ତ୍ର ପ୍ରଣାଳୀ ଓ ତଦାରଖ ପ୍ରଯୁକ୍ତି ବିଦ୍ୟା ଭଳି କ୍ଷେତ୍ରରେ ପ୍ରତିରକ୍ଷା ରପ୍ତାନୀ ବଢାଇଛି । ଏହା ବ୍ୟତୀତ ଚଳିତ ବର୍ଷ ପ୍ରଧାନମନ୍ତ୍ରୀ ଗ୍ରୀସ ଗସ୍ତରେ ମ୍ଭ ଯାଇଥିଲା । ଗ୍ରୀସ ମଧ୍ୟ ତୁର୍କୀର ବିରୋଧୀ ଭାବେ ଜଣାଶୁଣା । ଆର୍ମେନିଆ, ଗ୍ରୀସ ଓ ଏବେ ସାଇପ୍ରସ ଗସ୍ତ କରି ସେମାନଙ୍କର ସହ ରଣନୈତିକ ଭାଗିଦାରୀ ବଢାଇ ଭାରତ ତୁର୍କୀକୁ ତାର ନିଜ ଅଂଚଳରେ ଘେରାବନ୍ଦୀ କରିବାର ରଣନୀତିରେ କାର୍ଯ୍ୟ କରୁଛି ।

ଭାରତର ଭାବମୂର୍ତ୍ତିକୁ ବୈଶ୍ୱିକ ସ୍ତରରେ ଦୁର୍ବଳ କରିବାକୁ ସତତ ଚେଷ୍ଟିତ ତୁର୍କୀର ଏର୍ଦୋଗାନଙ୍କୁ ଭାରତୀୟ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସାଇପ୍ରସ ଗସ୍ତ ଏକ ସ୍ପଷ୍ଟ ଓ ସନ୍ତୁଳିତ ବାର୍ତ୍ତା ପ୍ରଦାନ କରୁଛି । ଭାରତ ଏବେ ଆଉ ତୁର୍କୀର ଏଭଳି ଉତ୍ତେଜନା ସୃଷ୍ଟିକାରୀ କାର୍ଯ୍ୟ ଉପରେ ନିଷ୍କ୍ରିୟ ରହିବ ନାହିଁ । ଏବେ ଭାରତ ତୁର୍କୀର ନିଜ ଅଂଚଳରେ ଥିବା ବିରୋଧୀ ଦେଶ ମାନଙ୍କ ସହ ନିଜର ସମ୍ପର୍କକୁ ଦୃଢ କରିବ, ଦୀର୍ଘକାଳୀନ, ଆର୍ଥିକ ଓ ରଣନୈତିକ ଭାଗିଦାରୀକୁ ସୁଦୃଢ଼ କରିବ । ତାଙ୍କୁ ସମସ୍ତ ପ୍ରକାର ସହାୟତା ପ୍ରଦାନ କରିବ । ନରେନ୍ଦ୍ର ମୋଦୀଙ୍କ ସାଇପ୍ରସ ଯାତ୍ରାକୁ ଏହି କାରଣରୁ ଐତିହାସିକ କୁହାଯାଇ ପାରେ ଯେ ଏହି ଯାତ୍ରାର ଟାଇମିଂ ସଠିକ ହୋଇଛି ଓ ଏହି ଯାତ୍ରା ଦ୍ୱାରା ବାର୍ତ୍ତା ମଲ୍ଟି ଡାଇମେନସନାଲ ଅର୍ଥାତ ବହୁ ଆୟାମୀ ପ୍ରଦାନ କରାଯାଇଛି । ଭାରତ ଭୂମଧ୍ୟସାଗରୀୟ ଅଂଚଳରେ ତାର ସହଯୋଗୀ ଦେଶ ମାନଙ୍କ ସହ ସହଯୋଗକୁ ଶକ୍ତିଶାଳୀ କରିବାସହ ୟୁରୋପୀୟ କରିଡୋରରେ ତାର ଉପସ୍ଥିତିକୁ ପୁଣି ସ୍ଥାପିତ କରିଛି । ବର୍ତ୍ତମାନ ବିଶ୍ୱରେ କୂଟନୀତି ଉଚ୍ଚ ସ୍ୱରରେ ନୁହେଁ ବରଂ ସୁକ୍ଷ୍ମ ସଂକେତରେ କୁହାଯାଇଥାଏ । ଯଦି ଏହି ଦୃଷ୍ଟିକୋଣରୁ ଦେଖିବା ତେବେ ମୋଦୀଙ୍କ ସାଇପ୍ରସ ଯାତ୍ରା କୂଟନୈତିକ ସଂଚାର କ୍ଷେତ୍ରରେ ଏକ ମାଷ୍ଟର ଷ୍ଟ୍ରୋକ ବୋଲି କୁହାଯାଇ ପାରିବ । ଏଥିରେ ଇତିହାସ, ଶକ୍ତି, ରାଜନୀତି, ପ୍ରତିରକ୍ଷା ସହଯୋଗ ଓ ଭୂରାଜନୈତିକ ବାର୍ତ୍ତା ସ୍ପଷ୍ଟ ଭାବେ ପ୍ରଦାନ କରାଯାଉଛି । ପ୍ରଧାନମନ୍ତ୍ରୀ ମୋଦୀ ଓ ଭାରତର ବାର୍ତ୍ତା ଅତ୍ୟନ୍ତ ସ୍ପଷ୍ଟ । ଭାରତ କେବଳ ଯେ ପୂର୍ବ ଭୂମଧ୍ୟ ସାଗର ଉପରେ ଦୃଷ୍ଟି ରଖୁ ନାହିଁ ବରଂ ଏଠାରେ ସକ୍ରିୟତାର ସହ କାମ କରିବାକୁ ଯାଉଛି । ସାଇପ୍ରସ ଓ ଅନ୍ୟ ଦେଶମାନଙ୍କୁ ବିଶ୍ୱାସଯୋଗ୍ୟ ସହଯୋଗୀ ଭାବେ ଗ୍ରହଣ କରି କାମ କରିବାକୁ ଚାହୁଁଛି ଓ ଏହା ସହ ତୁର୍କୀକୁ ପ୍ରତ୍ୟକ୍ଷ ଚେତାବନୀ ମଧ୍ୟ ଏହି ଯାତ୍ରା ଜରିଆରେ ଦିଆଯାଇଛି ।

*ଭୁବନେଶ୍ୱର*

# ନିଆରା ସାରସ୍ୱତ ସ୍ରଷ୍ଟା ଗଗନ ବିହାରୀ ବିଶ୍ୱାଳ



ହିମାଂଶୁ ଶେଖର ଆଚାର୍ଯ୍ୟ

ଗଗନ ବିହାରୀ ବିଶ୍ୱାଳ ଥିଲେ ବହୁମୁଖୀ ପ୍ରତିଭାର ଅଧିକାରୀ। ଏତେ ସୁଗୁଣର ଅଧିକାରୀ ହେବା ଖୁବ୍ କମ୍ ଲୋକଙ୍କ ଭାଗ୍ୟରେ ଜୁଟେ । ଏକାଧାରରେ ସେ ଥିଲେ ପ୍ରଚଣ୍ଡ ସାରସ୍ୱତ ପ୍ରତିଭା, ପ୍ରବୀଣ ଶିକ୍ଷାବିତ୍, ବିଶିଷ୍ଟ ଶିକ୍ଷାପ୍ରଶାସକ ଓ ସର୍ବୋପରି ଦକ୍ଷ ସଂଗଠକ। ଜଣେ ସାହିତ୍ୟିକ ଓ ଶିକ୍ଷାବିତ୍ ହିସାବରେ ସେ ଯେତିକି ଜଣାଶୁଣା ଥିଲେ ତାଠାରୁ ଅଧିକ ପରିଚିତ ଥିଲେ ଜଣେ ଅସାଧାରଣ ସାରସ୍ୱତ ସଂଗଠକ ଭାବେ । ଜନ୍ମ ହୋଇଥିଲେ ବର୍ତ୍ତମାନର ଜଗତସିଂହପୁର ଜିଲ୍ଲା ପଳାଶୋଳ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଗୋକଲ ଗ୍ରାମରେ ୧୯୪୨ ମସିହାରେ ରଥଯାତ୍ରା ଦିନ ଓ ଚାଲିଗଲେ ଆରପରିକୁ ୨୦୨୨ ମସିହା ସେପ୍ଟେମ୍ବର ୧୫ ତାରିଖରେ। ଆଜି ହେଉଛି ତାଙ୍କର ୮୩ତମ ଜୟନ୍ତୀ। ସାହିତ୍ୟିକ ଗଗନ ବିହାରୀ ବିଶ୍ୱାଳ ସ୍ମୃତି ପରିଷଦ ପକ୍ଷରୁ ତାଙ୍କ ଜନ୍ମମାଟିରେ ପ୍ରତିଷ୍ଠା ହୋଇଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ସ୍ମୃତିଚାରଣ ସଭାର ଆୟୋଜନ କରାଯାଉଛି। ଏହା ଖୁସିର କଥା । ଏହି ଅବସରରେ ତାଙ୍କ ବିଷୟରେ ଉତ୍ତରପିଢିକୁ ତାଙ୍କ ସମ୍ପର୍କରେ ଜଣାଇବା ଏହି ଆଲେଖ୍ୟର ମୁଖ୍ୟ ଉଦ୍ଦେଶ୍ୟ । ଆଶା ଓ ବିଶ୍ୱାସ ଉତ୍ତର ପିଢିର ଦାୟଦମାନେ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବେ।

ଏ ଅଞ୍ଚଳର ପୂଜ୍ୟପୂଜାର ପ୍ରସାର ଓ ପ୍ରଚାରରେ ଗଗନ ବିଶ୍ୱାଳ ଥିଲେ ମୁଖ୍ୟ ପୁରୋଧା । କାଳଜୟୀ ନାଟ୍ୟକାର ସୁଧାକର ଦ୍ୱିବେଦୀ ସ୍ମୃତି ପରିଷଦ, ନାଟ୍ୟାଚାର୍ଯ୍ୟ କବିବାଳକୃଷ୍ଣ ମହାନ୍ତିଙ୍କ ସ୍ମୃତି ପରିଷଦ ଓ ନାଟ୍ୟଶ୍ରୀ ଆର୍ତ୍ତବନ୍ଧୁ ରାଉତରାୟଙ୍କ ସ୍ମୃତିରକ୍ଷା ପାଇଁ ତାଙ୍କର ଉଦ୍ୟମ ଅଭୁଲା ହୋଇ ରହିବ। ଏ ଯେଉଁ ଉଦ୍ୟମ ସେ ଆରମ୍ଭ କରିଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ତାଙ୍କର ଉତ୍ତର ଦାୟଦମାନେ ଏହି ପୂଜ୍ୟପୂଜାର ଧାରାକୁ ବଜାୟ ରଖିଚାଲିଛନ୍ତି । ସୁଧାକର ଦ୍ୱିବେଦୀ ସ୍ମୃତି ପରିଷଦର ସଭାପତି, ନାଟ୍ୟାଚାର୍ଯ୍ୟ ବାଳକୃଷ୍ଣ ମହାନ୍ତି ସ୍ମୃତି ପରିଷଦର ସମ୍ପାଦକ ଓ ନାଟ୍ୟଶ୍ରୀ ଆର୍ତ୍ତବନ୍ଧୁ ରାଉତରାୟଙ୍କ ସ୍ମୃତି ପରିଷଦ ଗଠନ ପଛରେ ତାଙ୍କର ଚିନ୍ତା ଚେତନାର ଅଭିନବ ପରିପ୍ରକାଶ ବୋଲି କହିଲେ ଭୁଲ ହେବନାହିଁ । ପ୍ରକୃତରେ କହିବାକୁ ଗଲେ ଏ ଅଞ୍ଚଳରେ ପୂଜ୍ୟପୂଜାର ନିଆରା ମାର୍ଗଦର୍ଶକ ଓ ପୂଜାରୀ ଥିଲେ ସ୍ୱର୍ଗତ ଗଗନ ବିହାରୀ ବିଶ୍ୱାଳ। ଏକଥା ଯେ କେହି ମୁକ୍ତ କଣ୍ଠରେ ସ୍ୱୀକାର କରିବେ । ବ୍ୟକ୍ତିଗତ ଭାବେ ମୋ ସହିତ ତାଙ୍କ ସମ୍ପର୍କ ଥିଲା ଗୁରୁ ଓ ଶିଷ୍ୟପରି । ବିଶେଷକରି ମୋ ସ୍ତମ୍ଭ ଲେଖା ପଛରେ ତାଙ୍କର ପ୍ରେରଣା ଆଜି ମୋତେ ରାଜ୍ୟରେ ଯେଉଁ ପରିଚୟ ମିଳିଛି ତାହାର ଶ୍ରେୟ ମୁଖ୍ୟତଃ ମୋର ଆଦର୍ଶ ଗୁରୁ ଗଗନ ସାର୍‌ଙ୍କର। ତାଙ୍କ ପାଖରେ ମୁଁ ସବୁଦିନ ପାଇଁ ଋଣୀ।

ଗଗନ ବିଶ୍ୱାଳଙ୍କ ଶିକ୍ଷକତା ଜୀବନ ଆରମ୍ଭ ହୁଏ ସ୍ଥାନୀୟ ପଳାଶୋଳ ମଧ୍ୟଇଂରାଜୀ ବିଦ୍ୟାଳୟରୁ ୧୯୫୯ ମସିହାରୁ ପରେ ୧୯୬୧ ରୁ ୧୯୭୯ ପର୍ଯ୍ୟନ୍ତ ରଘୁନାଥପୁର ସ୍ଥିତ ପୂର୍ଣ୍ଣଚନ୍ଦ୍ର ବିଦ୍ୟାମନ୍ଦିର ଏବଂ ୧୯୭୯ ରୁ ୧୯୮୦ ନାନପୁର ସ୍ଥିତ ଚିନ୍ତାମଣି ବିଦ୍ୟାପୀଠରେ। ଜଣେ ସଫଳ ଶିକ୍ଷକ ରୂପେ କେବଳ ରଘୁନାଥପୁର ନାନପୁର ଅଞ୍ଚଳରେ ନୁହେଁ ଜଗତସିଂହପୁର ଜିଲ୍ଲା ଏପରିକି ସାରା ରାଜ୍ୟରେ ତାଙ୍କର ସ୍ୱତନ୍ତ୍ର ପରିଚୟ ଥିଲା । ତାଙ୍କ ଶିକ୍ଷାଦାନ ଶୈଳୀ, କର୍ତ୍ତବ୍ୟ ନିଷ୍ଠା ଏବେବି ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇ ରହିଛି । ଏଥିସହିତ ଜଣେ ନିଆରା ଶିକ୍ଷା ପରିଦର୍ଶକ ଭାବେ ସେ ବେଶ୍ ଜଣାଶୁଣା ଥିଲେ ୧୯୮୦ -୮୧ ସେ କେନ୍ଦ୍ରାପଡାର ମହାକାଳପଡା ବିଜୟନଗର ସର୍କଲ ୧୯୮୧ରୁ ୧୯୮୪ ନାଉଗାଁର ଅଲଣାହାଟ ସର୍କଲ ୧୯୮୪-୧୯୮୮ ଜଗତସିଂହପୁରର ବାଲିକୁଦା ଅନନ୍ତପୁର ସର୍କଲ ୧୯୮୮ରେ ଏରସମାର ସର୍କଲ ୧୯୮୮-୯୮ ଜଗତସିଂହପୁରର ତିର୍ତ୍ତୋଲ ତରଜଙ୍ଗା ସର୍କଲ ୧୯୯୮-୨୦୦୦ ରଘୁନାଥପୁରର ରଘୁନାଥପୁର ସର୍କଲରେ ପରିଦର୍ଶକ ଭାବେ କାର୍ଯ୍ୟକରି ନିଜର କାର୍ଯ୍ୟଦକ୍ଷତାର ପ୍ରମାଣ ଦେଇଯାଇଛନ୍ତି । ଏକଥା ଏସବୁ ଅଞ୍ଚଳରେ ଶିକ୍ଷକ ଶିକ୍ଷୟିତ୍ରୀମାନେ ତାଙ୍କର ଅଶେଷ ପ୍ରଶଂସା କରନ୍ତି । ବାସ୍ତବରେ ଏତେସବୁ ଗୁଣ ଥାଇ ମଧ୍ୟ ତାଙ୍କ ପାଖରେ ଟିକିଏ ଅହଂକାର ନଥିଲା। ନମ୍ରତା ଥିଲା ତାଙ୍କ ବ୍ୟକ୍ତିତ୍ୱର ବଡ ବିଶେଷତ୍ୱ । ଏଥରପାଇଁ ତାଙ୍କୁ ପ୍ରଜ୍ଞାପୁରୁଷ ଭାବେ ବିବେଚନା କରାଯାଏ । ଯିଏ ବିଦ୍ୟାର୍ଥୀମାନଙ୍କୁ ଗୁଣାତ୍ମକ ଶିକ୍ଷା ଦେଇଛନ୍ତି ଓ ଶିକ୍ଷକ ସମାଜକୁ ଦିଗ୍‌ଦର୍ଶନ ଦେଇଯାଇଛନ୍ତି । ତାଙ୍କର ସୁକୁତ୍ରରୁ ତାଙ୍କର କନ୍ୟା ଦିପ୍ତିମୟୀ ଶିକ୍ଷୟିତ୍ରୀ ପ୍ରଦିପ୍ତ ସାମ୍ବାଦିକ, ମୋନାଲିସା ଆକଶବାଣୀ ପ୍ରଦ୍ୟୁମ୍ନ , ମଧୁସ୍ମିତା, ମନସ୍ୱିନୀ ଘୋଷିକା ଭାବେ ନିଜେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି । ସେହିପରି ତାଙ୍କର ଜ୍ୱାଇଁମାନେ ମଧ୍ୟ ଉଚ୍ଚ ପଦପଦବୀରେ କାର୍ଯ୍ୟରତ ଅଛନ୍ତି। ତନ୍ମଧ୍ୟରୁ ତାଙ୍କ ଜ୍ୱାଇଁ ଅକ୍ଷୟ ମହାନ୍ତି, (କାଳିଆସାର୍) ରଘୁନାଥପୁର ସ୍ଥିତ ସାଦେଇପୁର ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଭାବେ ନିଜର ପରିଚୟ ପ୍ରମାଣିତ କରିଛନ୍ତି। ଗଗନ ବିହାରୀ ବିଶ୍ୱାଳ ସ୍ମୃତି ପରିଷଦର ସମ୍ପାଦକ ମଧ୍ୟ ସେ।

ଶିକ୍ଷକତା ଓ ପୂଜ୍ୟପୂଜାର ଜୀବନ ଭିତରେ ଗଗନ ବିହାରୀ ବିଶ୍ୱାଳଙ୍କ ସାହିତ୍ୟ ସାଧନା ସ୍ଥିର ହୋଇନଥିଲା। ତାଙ୍କର ପେଶା ଥିଲା ଶିକ୍ଷକତା ଓ ନିଶା ଥିଲା ସାହିତ୍ୟ ସାଧନା। ସାହିତ୍ୟର ବିଭିନ୍ନ ବିଭାଗରେ ସେ ଲେଖନୀ ଚାଳନା କରି ନିଜ ପାଇଁ ଏକ ଭିନ୍ନ ପରିଚୟ ସୃଷ୍ଟି କରିଯାଇଛନ୍ତି ଯାହା ତାଙ୍କ ସୃଷ୍ଟି ସମ୍ଭାରରୁ ବେଶ୍ ବାରି ହୋଇପଡେ। ଏପରିକି ବିଭିନ୍ନ ପତ୍ର ପତ୍ରିକାରେ ଅନେକ ଉପାଦେୟ ପ୍ରବନ୍ଧ ଲେଖି ସେ ଅନେକ ଖ୍ୟାତି ଅର୍ଜନ କରିଥିଲେ । ତାଙ୍କ ରଚିତ ପ୍ରବନ୍ଧ ଚନ୍ଦ୍ରଭାଗା ଆଲୋଚନା ସମ୍ପର୍କରେ ପଦେ, ପଞ୍ଚସଖା, ପାଞ୍ଚଶାଖା, ତସ୍ମୈଶ୍ରୀ ଗୁରବେ ନମଃ ଓଲଟବୃକ୍ଷେ ଖେଳୁଛି ଲୋଟଣୀ ପାରା ଅଗମ୍ୟ ଭାବ ଜାଣେ ଯଶୋବନ୍ତ, ଜଗତସିଂପୁରରେ ବଳଦେବ ଉପାସନା, ନାଟ୍ୟାଚାର୍ଯ୍ୟ କବିବାଳକୃଷ୍ଣ, ସ୍ମୃତିର ଡାଏରୀରୁ , ମହାବାତ୍ୟ ୧୯୯୯, ହେ ପୁଣ୍ୟମ୍ରା ଆଉ ଥରେ କର ଅବତରଣ । ଉଠଜାଗ , ଜଗତସିଂହପୁର ଜିଲ୍ଲାରେ ଜ୍ୟୋତିଷ ଚର୍ଚ୍ଚା ଲୋକନାଟ୍ୟରୁ ଗଣନାଟ୍ୟ ଇତ୍ୟାଦି ତାଙ୍କ ସାହିତ୍ୟିକ ଭାବେ ତାଙ୍କ କୃତି ଓ କୃତିତ୍ୱର କଥା କହେ। ସେହିପରି ତାଙ୍କ ପ୍ରକାଶିତ ଗଳ୍ପ ସକଳତୀର୍ଥ ତୋ ଚରଣେ ଚକ୍ରର କରାମତି ସମ୍ରାଟ ପେଣ୍ଡୁଫୁଲ ପ୍ରଭୃତି ସୃଷ୍ଟି ସମ୍ଭାର ତାଙ୍କୁ ଜଣେ ଗଳ୍ପିକ ଭାବେ ସ୍ୱୀକୃତି ଦେଇଛି। ଏହା ଅନସ୍ୱୀକାର୍ଯ୍ୟ । ଏପରିକି ଅଭିନୟ ଓ ନିର୍ଦ୍ଦେଶନା କ୍ଷେତ୍ରରେ ସେ ମାହିର ଥିଲେ। ତାଙ୍କର ନିର୍ଦ୍ଦେଶନା ଯେତିକି ବଳିଷ୍ଠ ଥିଲା ଅଭିନୟ ମଧ୍ୟ ସେତିକି ଚମତ୍କାର ଥିଲା।। ଗରୁଡ- ମାତୃମୁକ୍ତି, ସୁମନ୍ୟୁ-ଅର୍କତୀର୍ଥ, କର୍ଣ୍ଣ-କର୍ଣ୍ଣାର୍ଜୁନ, ହରିଶ୍ଚନ୍ଦ୍ର-ଦାନବୀର, ଶ୍ରୀରାମ-ରାମରାଜ୍ୟ, ଚନ୍ଦ୍ରଗୁପ୍ତ-ଚନ୍ଦ୍ରଗୁପ୍ତ ଏହାର ଗୋଟିଏ ଗୋଟିଏ ନମୁନା।

ଜନ୍ମ ଥିଲେ ମୃତ୍ୟୁ ଅଛି । ଏହାହିଁ ଚିରନ୍ତନ ସତ୍ୟ। ଏହାକୁ ଏଡାଇ ହେବ ନାହିଁ । ଏପରିକି ଦେବତା ମାନେ ଏଠି ଜନ୍ମ ନେଲେ ତାଙ୍କୁ ବି ମରିବାକୁ ପଡିଥାଏ। ସେଥିପାଇଁ କୁହାଯାଏ- 'ମଣିଷ ମରିବ ଦିନେ ଜନ୍ମ ହେଲେ ଦେବତା ବି ମରେ, ସାର୍ଥକ ମରଣ ତାର ଯାହା ପାଇଁ ମାଟି ଗୋଡି ଝୁରେ'। ସୁଗୁଣ ଓ ସୁକର୍ମ ହିଁ ମଣିଷକୁ କାଳଜୟୀ କରିଥାଏ ।

*ସଭାପତି, ସାରସ୍ୱତ ପରିଷଦ, ଜଗତସିଂହପୁର, ମୋ - ୯୩୩୭୨୨୧୯୨୪*

# ଜଗର୍ନଟ୍‌ରୁ ଜଗନ୍ନାଥ

**ସୌର ଚନ୍ଦ୍ର ମହାପାତ୍ର**

କଳନାତୀତ କାଳରୁ ଜଗନ୍ନାଥ ପୀଠରେ ପୂଜା ଉପାସନା ପ୍ରଚଳିତ ଥିଲେ ହେଁ, 'ଜଗନ୍ନାଥ' ଶବ୍ଦର ଉତ୍ପତ୍ତି ଆଦିମ ଶବର ଜାତିର ଧର୍ମ ଓ ଭାଷାରୁ ନିଷ୍ପନ୍ନ ବୋଲି ବହୁ ବିଦ୍ୱାନ ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି । ଡକ୍ଟର ବେଣୀମାଧବ ପାଢ଼ୀଙ୍କ ଭାଷାରେ 'ଜଗନ୍ତ' ଶବ୍ଦର ସଂସ୍କୃତ ରୂପ ହେଉଛି 'ଜଗନ୍ନାଥ'। ସଉରର ଭାଷାର ଅଭିଧାନରେ 'କିତୁଙ୍ଗ' କହିଲେ ଦେବତା। କିନ୍ତୁ କିତୁଙ୍ଗ ବୋଲି କୌଣସି ନିର୍ଦ୍ଦିଷ୍ଟ ଦେବତାଙ୍କ ନାମ ନାହିଁ, ଏହା ଏକ ସାଧାରଣ ଅର୍ଥସୂଚକ ଶବ୍ଦ। କିତୁଙ୍ଗଙ୍କର ଦଶଟି ରୂପେ ବୋଲି ଶବରମାନେ ଗ୍ରହଣ କରିନେଇଛନ୍ତି। ଏହା ହେଉଛି ଜଗନ୍ତ, ତୋଡ଼, ତୁମନ, ଭୀମ, ରଂରଂ, ଗର୍ସିଦ, ରୋମନ୍, ଜୋଜେପଲ, ମଉ, ତିତି। ଏହି ଦଶଟି ନାମକୁ ଦଶ ଭାଇ ରୂପେ ମଧ୍ୟ ଗ୍ରହଣ କରାଯାଏ। 'ଜଗନ୍ତ' ଶବ୍ଦରୁ 'ଜଗନ୍ନାଥ' ଶବ୍ଦର ଉତ୍ପତ୍ତି ପୁରା ଯୁକ୍ତିଯୁକ୍ତ ମନେହୁଏ, କାରଣ ପଣ୍ଡିତମାନେ କଦଳୀ, ନାରୀକେଳ, କୁକୁଟ ପ୍ରଭୃତି ଅନେକ ଶବ୍ଦ ଅଷ୍ଟ୍ରିକ ଶବ୍ଦରୁ ଉତ୍ପନ୍ନ ବୋଲି ପ୍ରମାଣ କରିସାରିଛନ୍ତି।

ଏହା ବ୍ୟତୀତ ଅଶ୍ୱତ ବା ପିପ୍ପଳ ବୃକ୍ଷ ପ୍ରାଚୀନ ପ୍ରଟୋ ଅଷ୍ଟ୍ରେଲଏଡ଼ ମାନଙ୍କର ଉପାସ୍ୟ ଥିଲା ଓ ସେମାନଙ୍କ ଧର୍ମ 'ଅଶ୍ୱତଥ ଧର୍ମ' ନାମରେ ପରିଚିତ ଥିଲା। ପରବର୍ତ୍ତୀ କାଳରେ ବୈଷ୍ଣବ ଧର୍ମରେ ବିଷ୍ଣୁଙ୍କ ସହସ୍ରନାମାନ୍ତର୍ଗତ ଗୋଟିଏ ନାମ ମଧ୍ୟ 'ନ୍ୟଗ୍ରୋଧୋଦୁମ୍ବରୋଽଶ୍ୱତ୍ଥ।' ପୁନଶ୍ଚ ଓଡ଼ିଶାର କେତେକ ମାଳ ଅଞ୍ଚଳର ଶବର ବା ସଉର ମାନେ 'କାଠଗଣ୍ଡି ବା ମାଦଳା' ପୂଜା କରୁଥିଲେ। ମୁଖ ଓ ଚକ୍ଷୁବିଶିଷ୍ଟ କାଠର ଖଣ୍ଡର ପୂଜା ଅଦ୍ୟାପି ପ୍ରଚଳିତ ଅଛି। ଏହି ମାଦଳା ଶବ୍ଦରୁ ଜଗନ୍ନାଥ ମନ୍ଦିରର ପଞ୍ଜିକାର ନାମ ମାଦଳା ପାଞ୍ଜି ବୋଲି ଅଭିହିତ କରାଯାଇଥିବା ଯଥାର୍ଥ ମନେହୁଏ। କେବଳ ଓଡ଼ିଶାର ଶବର ଜାତି କାହିଁକି, ପୃଥିବୀର ବିଭିନ୍ନ ଜାତି ଉପଜାତି ମାନଙ୍କର କଥା ଉପକଥାରେ ମଧ୍ୟ ବୃକ୍ଷକୁ ଦେବତା ରୂପେ ପୂଜା କରିବାର ପରମ୍ପରା ଦୃଷ୍ଟିଗୋଚର ହୁଏ। ପ୍ରାଚୀନ ଗ୍ରୀସରେ 'ଜୀୟସ୍' ନାମକ ଦେବତା ଓକ ବୃକ୍ଷର ଦେବତା ରୂପେ ଉପାସିତ ହେଉଥିଲେ। ଅତୀତ କାଳରେ ଜେରୁଜେଲମର ମନ୍ଦିରରେ କାଷ୍ଠ ଖୁଣ୍ଟକୁ ଦେବତା ଭାବେ ପୂଜା କରାଯାଉଥିଲା। ତିବ୍ବତ ଓ ବ୍ରହ୍ମ ଦେଶରେ ମଧ୍ୟ ଦାରୁମୂର୍ତ୍ତି ଉପାସନା ବହୁ ପ୍ରାଚୀନ କାଳରୁ ପ୍ରଚଳିତ ଥିବାର ଅନେକ କିମ୍ବଦନ୍ତୀ ରହିଛି। ଏହି ଦୃଷ୍ଟିରୁ ପର୍ଯ୍ୟାଲୋଚନା କଲେ ଖ୍ରୀ.ପୂ ୧୮୦୦ ପୂର୍ବରୁ ଉତ୍କଳରେ ତଥା ଶ୍ରୀକ୍ଷେତ୍ରରେ ଜଗନ୍ନାଥ ଦାରୁବିଗ୍ରହ ସ୍ଥାନରେ କୌଣସି ପବିତ୍ର ଅଶ୍ୱତଥ କିମ୍ବା ପିପ୍ପଳ ଦେବତା ରୂପେ ଉପାସିତ ହେଉଥିଲା ବୋଲି କହିଲେ ଐତିହାସିକ ତ୍ରୁଟି ହେବନାହିଁ। ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ସର୍ବଶକ୍ତିମାନ, ସର୍ବବ୍ୟାପୀ, ରହସ୍ୟମୟ, ନିରାକାର, ନିର୍ବିକଳ୍ପ, ଅବିନାଶୀ, ଅନ୍ତର୍ଯ୍ୟାମୀ ଇତ୍ୟାଦି। 'ଶ୍ରୀ'ର ଅର୍ଥ ଲକ୍ଷ୍ମୀ, ଭକ୍ତି-ପ୍ରୀତି-ଶୋଭା ପ୍ରଦାୟିନୀ ଶକ୍ତି। 'ଜ'ର ଅର୍ଥ ହେଉଛି ସୃଷ୍ଟିର ସ୍ଥୂଳ ଜଗନ୍ମୟ, ଜ୍ୟୋତିସ୍ୱରୂପ, ସର୍ବଦେବତା, ବେଦମନ୍ତ୍ର ଯୋଗ-ଜ୍ଞାନ ପ୍ରଭୃତିର ଜନ୍ମସ୍ଥଳ। 'ଗ'ର ଅର୍ଥ ହେଉଛି ଗୁହ୍ୟ, ଅନନ୍ତ, ଗୋଲକ, କଷ୍ଟ ନିବାରକ। 'ନ୍ନା' ବା 'ନ'ର ଅର୍ଥ ହେଉଛି ନିର୍ବିକଳ୍ପ, ନିରାକାର, ମହାନିତ୍ୟ, ଅବିନାଶୀ, ନାମରୂପୀ ଇତ୍ୟାଦି। 'ଥ'ର ଅର୍ଥ ସର୍ବଭୂତ ଆତ୍ମା, ସୁଦର୍ଶନ, ସ୍ଥିରବୁଦ୍ଧି, ଧର୍ମ-ଅର୍ଥ-କାମ-ମୋକ୍ଷର ଜନ୍ମସ୍ଥଳ ଏବଂ ସର୍ବପ୍ରାଣୀ ହିତକାରୀ। ଏହିଭଳି ଭାବରେ ଏକ ସାମୂହିକ ଐତିହାସିକ ଦୃଷ୍ଟିକୋଣରୁ ବିଚାର କଲେ ଜଣାଯାଏ ଯେ, କାଳ ପ୍ରବାହର ବିଭିନ୍ନ ସ୍ତରରେ ଜଗନ୍ନାଥ ତଥା ଜଗନ୍ନାଥ ତତ୍ତ୍ୱ ନାନାରୂପରେ ପ୍ରକଟିତ ହୋଇଛି ଏବଂ ଜୈନ, ବୌଦ୍ଧ, ଶାକ୍ତ, ଶୈବ, ସୌର, ଗାଣପତ୍ୟ, ବାସୁଦେବୋପାସକ, ମାଧବୋପାସକ, ରାମୋପାସକ, ଲକ୍ଷ୍ମୀ ନୃସିଂହୋପାସକ, କୃଷ୍ଣୋପାସକ ପ୍ରମୁଖ ବିଭିନ୍ନ ମତବାଦୀ, ବିଭିନ୍ନ ଧର୍ମାବଲମ୍ବୀ ଗୋଷ୍ଠୀ ଜଗନ୍ନାଥ ତଥା ଜଗନ୍ନାଥ ଧର୍ମକୁ ପୃଥକ ପୃଥକ ଭାବରେ ଗ୍ରହଣ କରିବା ଫଳରେ ଏହା ଏକ ସ୍ୱତନ୍ତ୍ର ସାର୍ବଜନୀନ ଧର୍ମରେ ପରିଣତ ହୋଇ ପାରିଛି। ଆବହମାନ କାଳରୁ ଯୁଗେ ଯୁଗେ ଶ୍ରୀଜଗନ୍ନାଥ ବହୁ ରୂପରେ ପ୍ରକଟିତ ହେଲେ ସୁଦ୍ଧା କାଳ ପ୍ରବାହରେ ଅଖଣ୍ଡ ସ୍ରୋତରେ ନିରବଚ୍ଛିନ୍ନତାର ପ୍ରତୀକ ସେ। ଯୁଗଭେଦର ପରିସୀମା ଭିତରେ ସେ ଆବଦ୍ଧ ନୁହଁନ୍ତି, ସେ ଯୁଗାତୀତ, ସନାତନ ଓ ସର୍ବକାଳବ୍ୟାପୀ।

ରଥଯାତ୍ରା ସମୟରେ ପୁରୀକୁ ଯେଉଁ ବିପୁଳ ଜନସମାଗମ ହୁଏ ତାହା ଅନେକ ଦିନରୁ ବିଦେଶୀମାନଙ୍କୁ ଆଶ୍ଚର୍ଯ୍ୟ କରି ଆସିଛି। ଇଂରେଜ ଶାସନ ସମୟରେ ଇଂରେଜ ପ୍ରଶାସନର ତତ୍ତ୍ୱାବଧାନରେ ରଥଯାତ୍ରା ହେଉଥିଲା। ସେତେବେଳେ ଅନେକ ୟୁରୋପୀୟ ଦର୍ଶକ ଓ ପର୍ଯ୍ୟଟକ ରଥଯାତ୍ରା ଦେଖିବାକୁ ପୁରୀ ଆସୁଥିଲେ। ଏକଥା ସତ୍ୟ ଯେ ସେମାନଙ୍କ ଭିତରୁ ଅଧିକାଂଶ ମନରେ ଏ ବିଶାଳ ଜନସମୁଦ୍ର ଭିତରେ ଜଗନ୍ନାଥଙ୍କୁ ନେଇ ଯେଉଁ ପ୍ରେମର ଭାବଟି ଲହଡ଼ି ଭାଙ୍ଗୁଥାଏ, ତାକୁ ବୁଝିବାର ମାନସିକତା ବା ପ୍ରସ୍ତୁତି ନଥିଲା। ତେଣୁ ରଥଯାତ୍ରା ସମୟରେ ଅତିରିକ୍ତ ଭିଡ଼ ଭିତରେ ଯେତେବେଳେ ତଳେ ପଡ଼ି କେହି ଯାତ୍ରୀ ପ୍ରାଣ ହରାଉଥିଲେ, ବିଦେଶୀମାନେ ତାକୁ ଗୋଟେ ଭୟଙ୍କର ଓ ଅମାନୁଷିକ ଘଟନା ବୋଲି ନିଜ ଦେଶରେ ପ୍ରଚାର କରୁଥିଲେ। ସେମାନେ କହୁଥିଲେ, ଜଗନ୍ନାଥଙ୍କ ରଥଘୋର ଗର୍ଜନ କରି କୌଣସି ବାଧାବିଘ୍ନ ନମାନି ତାର ଗନ୍ତବ୍ୟ ପଥରେ ଚାଲୁଥାଏ, ଯିଏ ତା ଚକ ତଳେ ପଡ଼େ ତାର ମରଣ ହୁଏ। ଓ କଥାଟି ସେତେବେଳେ ୟୁରୋପରେ ଏତେ ପ୍ରଚାରିତ ହେଲା ଯେ 'ଜଗନ୍ନାଥ' ଶବ୍ଦଟି ଇଂରେଜି ଭାଷାରେ ବି ରହିଗଲା। ଏହାର ଅର୍ଥ କରାଗଲା, ଯିଏ କୌଣସି ବାଧାବିଘ୍ନ ନମାନି ନିର୍ମମ ଭାବରେ ସବୁ ମାଡ଼ି ମକଚି ଧ୍ୱଂସ କରି ଅବିରାମ ଗତି କରୁଥାଏ । ଏହି ଭୁଲ ଧାରଣାଟି ଇଂଲଣ୍ଡରୁ ଯାଇ ଆମେରିକାରେ ବି ପହଞ୍ଚି ଯାଇଥିଲା। ସେଠାରେ ବି ତାହା ଏତେ ପ୍ରସାର ଲାଭ କରିତ୍‌ଲା ଯେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଆମେରିକାର ରାଷ୍ଟ୍ରପତି ରୁଜଭେଲଟ ତାଙ୍କ ଦେଶଣ ଯୁଦ୍ଧ ସାମଗ୍ରୀ ତିଆରି ଯୋଜନା ଦୃତଗତିରେ ବିନା ବାଧାରେ ଆଗେଇ ଚାଲିଛି ବୋଲି ବୁଝେଇବାକୁ ଯାଇ କହିଥିଲେ ଆମର କାରଖାନାଗୁଡ଼ିକ ଜଗନ୍ନାଥଙ୍କ ରଥ ଭଳି ଦ୍ରୁତଗତିରେ ବିନା ବାଧାରେ କାମରେ ଲାଗିଛନ୍ତି। ଭାରତ ଓ ବିଦେଶରେ ଖବରକାଗଜ ମାନଙ୍କରେ ଏହାର ପ୍ରତିବାଦ ମଧ୍ୟ ପ୍ରକାଶିତ ହୋଇଥିଲା ଇଂରେଜ ଶାସନ ସମୟରେ କିଛି ଇଂରେଜ ହାକିମ ରଥଯାତ୍ରାରେ ଲୋକଙ୍କ ମୃତ୍ୟୁ ଘଟୁଛି ବୋଲି ଦର୍ଶାଇ ତାହାକୁ ବନ୍ଦ କରିବା ପାଇଁ ମଧ୍ୟ ପ୍ରସ୍ତାବ ରଖିଥିଲେ। ତେବେ ଅନେକ ଇଂରେଜ ପ୍ରଶାସକ ବି କହିଥିଲେ ଯେ ରଥ ତଳେ ପଡ଼ି ମରିବା ଲୋକ ସଂଖ୍ୟା ବେଶି ନୁହେଁ, ଏହା ଆତ୍ମହତ୍ୟା ନୁହେଁ, କେବଳ ସାଧାରଣ ଦୁର୍ଘଟଣା, ତେଣୁ ଏହାକୁ ନେଇ ବିବ୍ରତ ହେବା ଦରକାର ନାହିଁ। ଖ୍ରୀ. ୧୮୭୩ ମସିହା ଜୁଲାଇ ୫ ତାରିଖରେ ଉତ୍କଳ ଦୀପିକାରେ ପ୍ରକାଶିତ ନିମ୍ନ ଖବରଟି ତାର ପ୍ରମାଣ।

(ପାଠକ ମାନଙ୍କୁ ଜଣାଥିବ ଯେ ଅଳ୍ପଦିନ ତଳେ ଆମ୍ଭମାନଙ୍କ ଲେଫଟନାଣ୍ଟ ଗଭର୍ଣ୍ଣର ଶ୍ରୀଯୁକ୍ତ କାମ୍ବେଲ ସାହେବ ରଥଯାତ୍ରା ପ୍ରତିକୂଳରେ ମନ୍ତବ୍ୟ ଲେଖି ଗଭର୍ଣ୍ଣମେଣ୍ଟ ଇଣ୍ଡିଆଙ୍କ ପରାମର୍ଶ ପାଇଁ ପଠାଇଥିଲେ ଓ ତହିଁରେ ଲେଖିଥିଲେ ଯେ ରଥ ସବୁ ବୃହଦକାର ଓ ବିଶୃଙ୍ଖଳ ରୂପେ ହେଉଥିବାରୁ ତଦ୍ୱାରା ଅନେକ ବିପଦ ଘଟିବାର ସମ୍ଭାବନା ଓ ତାହା ଉଠାଇଦେଲେ ଅନାୟାସରେ ହୋଇପାରେ, କାରଣ ଯେଉଁମାନେ ପ୍ରକୃତ ହିନ୍ଦୁ ସେମାନେ ଏଥିରେ ବିରକ୍ତ ହେବେ। ତାଙ୍କ ସଂଖ୍ୟା ଅତ୍ୟଳ୍ପ ଅଯଇ। ନିତାନ୍ତ ପକ୍ଷରେ ରଥ ସବୁ କ୍ଷୁଦ୍ର କ୍ଷୁଦ୍ର ନହେଲେ ଓ ତଦ୍ୱାରା ସଂକଟ ଘଟିବାର ଆଶଙ୍କା ନଥିଲେ ତାହା ଟଣାଯିବା ପାଇଁ ମାଜିଷ୍ଟ୍ରେଟଙ୍କୁ ଆଜ୍ଞା ଦିଆଯାଇପାରେ।)

*ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୦୦୪୪୬୬*

### ତୁଳସୀକ୍ଷେତ୍ରରେ ଘୋଷଯାତ୍ରା

# ଶ୍ରୀଗୁଣ୍ଡିଚାରେ ବ୍ରହ୍ମ ତାଳଧ୍ୱଜରେ ଶ୍ରୀବଳଦେବଜୀଉ



କେନ୍ଦ୍ରାପଡ଼ା, (ଡିକେ ନ୍ୟୁଜ୍): ହଜାର ହଜାର ସଂଖ୍ୟାରେ ଭକ୍ତଙ୍କ ସମାଗମରେ ସତେ ଯେମିତି ଫାଟି ପଡୁଥିଲା ତୁଳସୀକ୍ଷେତ୍ରାଧିପତି ଶ୍ରୀବଳଦେବଜୀଉଙ୍କ ରଥଦାଣ୍ଡ। ଘଣ୍ଟ, ଘଣ୍ଟା, ମୃଦଙ୍ଗ, କାହାଳୀ ଶବ୍ଦରେ ପ୍ରକମ୍ପିତ ହୋଇ ଉଠିଥିଲା ତୁଳସୀକ୍ଷେତ୍ର ରଥଦାଣ୍ଡର ଗଗନ ପବନ। ବ୍ରହ୍ମ ତାଳଧ୍ୱଜ ରଥକୁ ଛୁଇଁବା ପାଇଁ ଭକ୍ତମାନଙ୍କ ମଧ୍ୟରେ ବେଶ ଆବେଗ ବଢି ଯାଇଥିଲା। ଭକ୍ତ ଓ ଭଗବାନଙ୍କ ମିଳନ ବର୍ଷକରେ ଥରେ ଥିଲା ବେଶ ଭାବବିହ୍ୱଳିତ। ଭକ୍ତମାନଙ୍କ ଆଖିରୁ ଝରି ପଡୁଥିଲା ଅଶ୍ରୁ। ରଥାରୂଢ ଶ୍ରୀଜୀଉମାନଙ୍କୁ ଦେଖିବାକୁ ବ୍ୟାକୁଳ ହୋଇ ଉଠିଥିଲେ ଭକ୍ତମାନେ। ରଥ ଟାଣିବାର ଅପୂର୍ବ ଅନୁଭୂତିକୁ କେହି ହାତଛଡା କରିବାକୁ ଚାହୁଁନଥିଲେ। ତେଣୁ ଶ୍ରୀଗୁଣ୍ଡିଚା ରଥଯାତ୍ରାରେ ରଥ...ପଥ...ବ୍ରହ୍ମ ତଳଧ୍ୱଜ ହୋଇଥିଲା ପ୍ରଭୁ ସିଦ୍ଧ ଶ୍ରୀବଳଦେବଜୀଉମୟ। ଅର୍ଥାତ ବ୍ରହ୍ମ ତାଳଧ୍ୱଜ ରଥ ଉପରେ ବଡ଼ ଭାଇ ବଳଭଦ୍ର, ସୁନା ଭଉଣୀ ସୁଭଦ୍ରା ଓ କାଳିଆ ସାଆନ୍ତଙ୍କୁ ଦର୍ଶନ କରି ଭକ୍ତମାନେ ଖୁସିରେ ଗଦଗଦ ହୋଇପଡିଥିଲେ। ଶୁକ୍ରବାର ସକାଳୁ ରଥାରୂଢ ଠାକୁରମାନଙ୍କୁ ଦର୍ଶନ କରିବା ପାଇଁ ରଥଦାଣ୍ଡ ଲୋକାରଣ୍ୟ ହୋଇଯାଇଥିଲା। ଶ୍ରୀଜୀଉମାନେ ପହଣ୍ଡି ବିଜେ କରି ରଥାରୂଢ ହୋଇଥିଲେ। ଏହାପରେ ବ୍ରହ୍ମତାଳଧ୍ୱଜ ରଥ ଗଡିବା ପାଇଁ ପ୍ରସ୍ତୁତ ହୋଇଥିଲା। ଭକ୍ତମାନଙ୍କ ଭାବାବେଗକୁ ଦେଖି ପ୍ରଶାସନ ରଥ ଟାଣିବା ପାଇଁ ପ୍ରସ୍ତୁତ ହେବା ପରେ ଅପରାହ୍ଣ ପ୍ରାୟ ସାଢେ଼୫ଟା ବେଳେ ଏକଘଣ୍ଟା ବିଳମ୍ବରେ ରଥ ଟଣା ହୋଇଥିଲା। ରଥ ଟଣାହେବାକୁ ସାଢେ ୪ଟା ସମୟ ନିର୍ଘଣ୍ଟ ହୋଇଥିଲେ ମଧ୍ୟ ଭକ୍ତଙ୍କ ଭାବାବେଗକୁ ଦେଖି ଏହା ଏକ ଘଣ୍ଟା ବିଳମ୍ବିତ ହୋଇଥିଲା। ଫଳରେ ସାଢେ ୫ଟା ସମୟରେ ରଥ ଟଣା ଆରମ୍ଭ ହୋଇଥିଲା। ରଥ ଟାଣିବା ପାଇଁ ତ୍ରିସ୍ତରୀୟ ପୋଲିସ କର୍ଡନ ବ୍ୟବସ୍ଥା ହୋଇଥିଲା। କର୍ଡ଼ନ ମଧ୍ୟରେ ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦେବାଶିଷ ଧଳ, କେନ୍ଦ୍ରାପଡା ଏସ୍‌ଡିପିଓ ଜ୍ୟୋତିରଞ୍ଜନ ଗୌଡା କର୍ଡ଼ନ ମଧ୍ୟରେ ରହି ସମସ୍ତ ସୁରକ୍ଷା ବ୍ୟବସ୍ଥାକୁ ଯାଞ୍ଚ କରୁଥିଲେ। ତାଙ୍କୁ ସହଯୋଗ କରୁଥିଲେ ଟାଉନ୍ ଥାନା ଅଧିକାରୀ ଦିଲ୍ଲିପ କୁମାର ସାହୁ, ଇନ୍ସପେକ୍ଟର ରାଜେନ୍ଦ୍ର ମହାପାତ୍ର, ଇନ୍ସପେକ୍ଟର ସୌମ୍ୟରଞ୍ଜନ ବିଶ୍ୱାଳ, ଇନିସପେକ୍ଟର ଧିରଜ ଲେଙ୍କା, ପଦ୍ମାଳୟା ପ୍ରଧାନ ଓ ତପନ ନାୟକଙ୍କ ସମେତ ଜିଲ୍ଲାର ବିଭିନ୍ନ ଥାନାର ଅଧିକାରୀମାନେ। ରଥ ଉପରକୁ ଛୋଟ ଛୋଟ ପିଲାମାନଙ୍କୁ ଉଠାଇବାକୁ ସେବାୟତମାନଙ୍କ ମଧ୍ୟରେ ବେଶ ପ୍ରତିଯୋଗିତା ଦେଖିବାକୁ ମିଳିଥିଲା। ରଥ ଉପରକୁ ଛୋଟ ପିଲାମାନଙ୍କୁ ଉଠାଇ ଶ୍ରୀଜୀଉଙ୍କ ଦର୍ଶନ କରାଇବା ପାଇଁ ସେବାୟତମାନେ ଭକ୍ତମାନଙ୍କ ଠାରୁ ଦକ୍ଷିଣା ନେଉଥିଲେ। କିନ୍ତୁ ଏହି କାର୍ଯ୍ୟ ଅତ୍ୟନ୍ତ ବିପଦପୂର୍ଣ୍ଣ ଭାବେ ଚାଲିଥିଲା। ଲୋକେ ସେମାନଙ୍କ ପିଲାମାନଙ୍କୁ ରଥ ଛୁଇଁବାକୁ ଛାଡୁଥିବାରୁ ଆମେ ରଥ ଉପରକୁ ଚଢାଉଛୁ ବୋଲି ଅନ୍ୟ ଜଣେ ସେବାୟତ କହିଥିଲେ। ଫଳରେ ପୋଲିସ ନୀରବ ରହିବାକୁ ବାଧ ହୋଇଥିଲା। ସେମାନଙ୍କୁ ବିରୋଧ କଲେ ରଥ ଗଡାଇ ଦେବେ ନାହିଁ ବୋଲି ମଧ୍ୟ ଧମକ ଦେଇଥିଲେ। ସେଥିପାଇଁ ପୋଲିସ ନୀରବ ରହିବାକୁ ବାଧ ହୋଇଥିଲା ବୋଲି ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଥିଲେ। ରଥ ସିଂହଦ୍ୱାରରୁ ଟଣା ହୋଇ ଦେବୋତ୍ତର କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ଏହା ହେଉଛି ତୁଳସୀ କ୍ଷେତ୍ରର ପରମ୍ପରା। ଶନିବାର ଅର୍ଥାତ ଶନିବାର ରଥ ଟଣା ଯାଇ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଚକଡା ଲାଗିବ। ପରେ ରଥାରୂଢ ଶ୍ରୀଜୀଉମାନେ ଜନ୍ମବେଦୀ ତଥା ମାଉସୀ ମା'ଙ୍କ ମନ୍ଦିରକୁ ପ୍ରବେଶ କରିବାର ପରମ୍ପରା ରହିଛି। ରଥ କର୍ଡନ ନିକଟରେ ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଉପଜିଲ୍ଲାପାଳ ତଥା ଟ୍ରଷ୍ଟବୋର୍ଡର ଅଧ୍ୟକ୍ଷ ଅରୁଣ କୁମାର ନାୟକ, ଦେବୋତ୍ତର ସଂସ୍ଥାର ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀକ୍ଷେତ୍ର ଆଡପ ମଣ୍ଡପରେ ଭୋଗ ଲାଗିବ କୋଟପାଡ଼ର ସୁବାସିତ ଜୈବିକ ଚାଉଳ



କୋଟପାଡ଼, (ଡିକେ ନ୍ୟୁଜ୍): କାଳିଆ ଠାକୁର ଖାଇବେ ମହ ମହ ବସୁଥିବା କୋରାପୁଟିଆ ଚାଉଳ। ବାସନା ଚାଉଳର ଭୋଗ ଖାଇ ବକ୍ଷସିବେ କାଳିଆ ଠାକୁର। ଶ୍ରୀକ୍ଷେତ୍ର ପୁରୀରେ କୋଠ ଭୋଗ ପ୍ରସ୍ତୁତ ନିମନ୍ତେ କୋରାପୁଟ ଜିଲ୍ଲା କୋଟପାଡ଼ ଅଞ୍ଚଳରୁ ଶ୍ରୀକ୍ଷେତ୍ରକୁ ପଠାଗଲା ଜୈବିକ ପ୍ରଣାଳିରେ ଚାଷ ହୋଇଥିବା କଳାଜିରା ଚାଉଳ, ବାସାଭୋଗ ଚାଉଳ, ମଲ୍ଲୀ ଚାଉଳ, ବିରି ଓ ମୁଗ। ଶ୍ରୀକ୍ଷେତ୍ର ପୁରୀରେ ଆଡପ ମନ୍ଦିରରେ ଭୋଗ ଲାଗିବ ଏ ସମସ୍ତ ସୁବାସିତ ଖାଦ୍ୟ ଶସ୍ୟ। ସବୁଜ ପତାକା ଦେଖାଇ ଉଦଘାଟନ କଲେ କୋଟପାଡ଼ ବିଧାୟକ ରୁପୁ ଭତ୍ରା। ଚିତ୍ରି ଦୋରା କୃଷକ ଉତ୍ପାଦକ କମ୍ପାନୀ ଦ୍ୱାରା ଏବଂ ପ୍ରଗତି ଅନୁଷ୍ଠାନର ଆନୁକୂଲ୍ୟରେ ସମସ୍ତ ଶସ୍ୟ କୋଟପାଡ଼ରୁ ପୁରୀ ଅଭିମୁଖେ ପଠାଯାଇଛି। ପ୍ରଭୁ ଜଗନ୍ନାଥ ନିକଟରେ କୋଠ ଭୋଗ ନିମନ୍ତେ ସମସ୍ତ ଖାଦ୍ୟ ଶସ୍ୟ ବ୍ୟବହାର କରାଯିବ। କେନ୍ଦ୍ର ସରକାରଙ୍କ ତରଫରୁ କଳା ଜିରା ଧାନକୁ ଜିଆଇ ଟେଗ ମାନ୍ୟତା ମିଳିଥିବା ବେଳେ ଶ୍ରୀ କ୍ଷେତ୍ର ପୁରୀକୁ କୋଟପାଡ଼ ଭଳି ଦୁର୍ଗମ ଇଲାକାରୁ ଜୈବିକ ଖତ ବ୍ୟବହାର କରି ପରିଶ୍ରମ କରି ଚାଷୀମାନେ ଉତ୍ପାଦନ କରିଥିବା ଶସ୍ୟ ଗୁଡ଼ିକ ମଧ୍ୟରୁ ୨୦ କୁଇଣ୍ଟାଲ କଳାଜିରା ଚାଉଳ, ୮ କୁଇଣ୍ଟାଲ ବାସା ଭୋଗ ଚାଉଳ, ଏକ କୁଇଣ୍ଟାଲ ମଲ୍ଲୀ ଚାଉଳ, ଏକ କୁଇଣ୍ଟାଲ ମୁଗ ଏବଂ ଏବଂ ଏକ କୁଇଣ୍ଟାଲ ବିରି ଆଦି ଖାଦ୍ୟ ଶସ୍ୟ ପଠାଇ ଖୁସି ବ୍ୟକ୍ତ କରିଛନ୍ତି କୋଟପାଡ଼ ଅଞ୍ଚଳର ଚାଷୀ। ତତସଙ୍ଗେ ସଙ୍ଗେ ଆଗକୁ ମଧ୍ୟ ଚାଷ କରିବା ସହ ବର୍ଷ ସାରା ଜୈବିକ ଖତ ସାରରେ ଶସ୍ୟ ଉତ୍ପାଦନ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି ଚାଷୀ। ଅନ୍ୟମାନଙ୍କ ମଧ୍ୟରେ ନବରଙ୍ଗପୁର ସାଂସଦ ପ୍ରତିନିଧି ରାମେଶ୍ୱର ଜେନା, ବିଧାୟକ ପ୍ରତିନିଧି ବିନାୟକ ଆଚାର୍ଯ୍ୟ, ବିଡ଼ିଓ ସନ୍ଧ୍ୟାରାଣୀ ସମରଥ, ପ୍ରଗତି ଅନୁଷ୍ଠାନର କର୍ମଚାରୀ ପ୍ରଦୀପ୍ତ କୁମାର ସେଠୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ବାଘମାରୀ ବଜାରରେ ପାନୀୟ ଜଳ ଯୋଗାଣ ପାଇଁ ଦାବି



ବୋଲଗଡ, (ଡିକେ ନ୍ୟୁଜ୍): ଖୋର୍ଦ୍ଧା- ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ବାଘମାରୀ ବଜାର ଉପରେ ପାନୀୟ ଜଳ ଯୋଗାଣ ପାଇଁ ମୁଖ୍ୟମନ୍ତ୍ରୀ ଓ ପଞ୍ଚାୟତିରାଜ ଶାସନ ସଚିବଙ୍କୁ ସମାଜସେବୀ ସନ୍ତୋଷ କୁମାର ପଣ୍ଡାଙ୍କ ସମେତ ବ୍ୟବସାୟୀମାନେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ ଏହି ବଜାର ଉପରେ ୨ ଶହରୁ ଉର୍ଦ୍ଧ୍ୱ ବ୍ୟବସାୟ ପ୍ରତିଷ୍ଠାନ କରି ଗୁଜୁରାଣ ମେଣ୍ଟାଉ ଥିବା ବେଳେ ପାନୀୟ ଜଳ ପାଇଁ ସାହି ଭିତରେ ଥିବା ଖୋଲାକୂପ ଓ ଦୁଇଟି ନଳକୂପ ଉପରେ ନିର୍ଭର କରିଥାନ୍ତି। ତେବେ ପ୍ରତ୍ୟେକ ଦିନ ବ୍ୟବସାୟୀମାନେ ବିଶୁଦ୍ଧ ପାନୀୟ ଜଳ ପାଇବା ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ସରକାରଙ୍କ ପକ୍ଷରୁ ପ୍ରତି ପଞ୍ଚାୟତକୁ ବସୁଧା ଯୋଜନାରେ ଜଳ ଯୋଗାଇ ଆସୁଥିବା ବେଳେ ବାଘମାରୀ ବଜାରକୁ କାହିଁକି ଜଳ ଯୋଗାଣ କରାଯାଇ ପାରୁ ନାହିଁ ଯାହାକି କ୍ଷୋଭର ବିଷୟ ପାଲଟିଛି। ବର୍ତ୍ତମାନ ପରିପ୍ରେକ୍ଷୀରେ ମେଗା ପାନୀୟ ଜଳ ଯୋଗାଣ ପାଇଁ କାର୍ଯ୍ୟ ଚାଲୁଥିବା ଦେଖିବାକୁ ମିଳୁଥିବା ବେଳେ ତୁରନ୍ତ ସମସ୍ୟା ସମାଧାନ କରିବା ପାଇଁ ସାଧାରଣରେ ଦାବି ହେଉଛି। ଏହି ବଜାର ଉପରେ ଜଳ ଯୋଗାଣ ପାଇଁ ପଂଚାୟତ ପକ୍ଷରୁ କାହିଁକ ଦୃଷ୍ଟି ଦିଆଯାଇ ନାହିଁ ବୋଲି ସାଧାରଣରେ ଅସନ୍ତୋଷ ଦେଖା ଦେଇଛି।

## ଆନ୍ତର୍ଜାତିକ ନିଶା ନିବାରଣ ଓ ଅବୈଧ କାରବାର ନିଷେଧ ଦିବସ ପାଳିତ

ଯାଜପୁର, (ଡିକେ ନ୍ୟୁଜ୍): ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ଓ ଅବକାରୀ ବିଭାଗ, ଯାଜପୁର ର ମିଳିତ ଆନୁକୁଲ୍ୟରେ ଜିଲ୍ଲା ସ୍ଥରୀୟ ଆନ୍ତର୍ଜାତିକ ନିଶା ନିବାରଣ ଓ ଅବୈଧ କାରବାର ନିଷେଧ ଦିବସ ପାଳିତ ହୋଇଯାଇଛି। ଏହି ଦିବସରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ କହିଲେ ନିଶାଦ୍ରବ୍ୟ ସେବନ ବ୍ୟକ୍ତି, ପରିବାର, ସମାଜ ଓ ରାଷ୍ଟ୍ର ପାଇଁ ଅହିତକର ଅଟେ। ମଦ ଓ ମାଦକ ଦ୍ରବ୍ୟ ଯଥା: ଜର୍ଦ୍ଦା, ଗୁଟଖା, ଖଇନି, ଅଫିମ, ଗଞ୍ଜେଇ, ବ୍ରାଉନସୁଗାର ଆଦି ନିଶାର ଭୟଙ୍କର ଓ କରାଳ ରୂପ ମନୁଷ୍ୟର ଅମୂଲ୍ୟ ଜୀବନକୁ ଏବଂ ତାଙ୍କ ପରିବାରକୁ ଛାରଖାର କରିବା ସହ ରାଷ୍ଟ୍ରର ଅତୁଳନୀୟ କ୍ଷତି ଘଟାଇଥାଏ। ଏଣୁ ଶୃଙ୍ଖଳିତ ଜୀବନଚର୍ଯ୍ୟାକୁ ଆପଣେଇ ନିଶା ଦ୍ରବ୍ୟ ବ୍ୟବହାର ବର୍ଜନ କରି ଗଠନ ମୂଳକ ନିଶା ଓ ପେଶାରେ ବ୍ରତୀ ହୋଇ ସମାଜରେ ମଣିଷ ପରି ମଣିଷ ହୋଇ ନିଜର ବ୍ୟକ୍ତିତ୍ୱର ପରିପ୍ରକାଶ ଘଟାଇ ସୁସ୍ଥ, ନିରାମୟ, ରୋଗମୁକ୍ତ ଏବଂ ପ୍ରଗତିଶୀଳ ସମାଜ ଗଠନରେ ନିଜକୁ ଉତ୍ସର୍ଗୀକୃତ କରିବାକୁ ଉପସ୍ଥିତ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ଃ.ରମେଶ ମଲ୍ଲିକ କହିଲେ ନିଶାଦ୍ରବ୍ୟ ସେବନର କୁପରିଣାମ ହେତୁ ଆଜି ଦିନ ସମଗ୍ର ବିଶ୍ୱରେ ଆନ୍ତର୍ଜାତିକ ନିଶା ନିବାରଣ ଦିବସ ପାଳନ କରାଯାଉଛି। ଏଣୁ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ସମ୍ବୋଧନ କରି ନିଜେ କେବେ ନିଶା ଦ୍ରବ୍ୟର ଶିକାର ହେବାନାହିଁ ଏବଂ ପାରିପାର୍ଶ୍ୱିକ ଜନସାଧାରଣଙ୍କୁ ଏପରିକୁ ଅଭ୍ୟାସରେ ପଡ଼ିବାକୁ ଦେବାନାହିଁ ବୋଲି ପରାମର୍ଶ ଦେଇଥିଲେ। ଏହି ବୈଠକରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ, ଅବକାରୀ ଅଧିକ୍ଷକ ଦିବ୍ୟ କିଶୋର ଟଣ୍ଡେଲ କହିଲେ ନିଶାଦ୍ରବ୍ୟ ସାମାଜିକ ଚଳଣୀରେ ଏକ ବଡ଼ ବ୍ୟାଧି। ଏହାର କୁପରିଣାମ ପରିବାରକୁ ଧ୍ୱସ୍ତ ବିଧ୍ୱସ୍ତ କରିଦିଏ। ଏଣୁ ଛାତ୍ରଛାତ୍ରୀମାନେ ନିଶାଦ୍ରବ୍ୟ ବ୍ୟବହାର ନ କରି ମଙ୍ଗଳମୟ ଭବିଷ୍ୟତ ଗଠନ ସହ ପିତା ମାତାଙ୍କର ଲକ୍ଷ୍ୟ ଫଳପ୍ରଦ କରନ୍ତୁ ବୋଲି ପରାମର୍ଶ ଦେଇଥିଲେ। ଉକ୍ତ ବୈଠକରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବ୍ରହ୍ମକୁମାରୀ ଅଧ୍ୟକ୍ଷା ମିସ୍ ବି.କେ ଲକ୍ଷ୍ମୀ କହିଲେ ନିଶା ନିବାରଣ କ୍ଷେତ୍ରରେ ସମସ୍ତଙ୍କୁ ସଚେତନ କରାଇବା ଆବଶ୍ୟକ। ଛାତ୍ରଛାତ୍ରୀମାନେ ଏ ସମସ୍ତ ନିଶା ଦ୍ରବ୍ୟରୁ ବିରତ ରହି ଜୀବନରେକୁ ସଙ୍ଗରେ ନ ପଡ଼ି ସତ ସଙ୍ଗରେ ଯାଇ ଜୀବନକୁ ଗଢି ତୋଳିଲେ ଆନନ୍ଦମୟ ହେବ ବୋଲି କହିଥିଲେ। ଆଜିର ଏହି ଆନ୍ତର୍ଜାତିକ ନିଶା ନିବାରଣ ଦିବସ ପାଳନ ଅବସରରେ ଯାଜପୁର ଜିଲ୍ଲା ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ ନିଶା ନିବାରଣ ଉପରେ ଏକ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା। ଏହି ଅବସରରେ ଆୟୋଜିତ ବିଦ୍ୟାଳୟ ସ୍ତରୀୟ ବକ୍ତୃତା ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ସହିତ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି ଆନ୍ତର୍ଜାତିକ ନିଶା ନିବାରଣ ଦିବସ ପାଳନ ଅବସରରେ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୁରମା ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଦିବସରେ ଅଧକ୍ଷତା କରି ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ରବୀନ୍ଦ୍ର ନାଥ ବେହେରା ଆନ୍ତର୍ଜାତିକ ନିଶା ନିବାରଣ ଦିବସ ପାଳନର ଉଦ୍ଦେଶ୍ୟ, ନିଶା ଦ୍ରବ୍ୟ ଅପବ୍ୟବହାର ଏବଂ ଅବୈଧ ଚାଲାଣର ପ୍ରତିରୋଧକ ପଦକ୍ଷେପ ଏବଂ ସମାଧାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସକାଳ ୯ଟାରେ ସ୍ଥାନୀୟ ରାମମନ୍ଦିର ନିକଟରୁ ଏକ ସଚେତନତା ଶୋଭାଯାତ୍ରା ଗୌତମ ବୁଦ୍ଧ ସଂସ୍କୃତି ଭବନ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏହି ଦିବସରେ ବିଭାଗୀୟ ଅଧିକାରୀ, ବିଦ୍ୟାଳୟ, ମହାବିଦ୍ୟାଳୟର ଛାତ୍ର, ଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ, ଅଭିଭାବକ, ବୁଦ୍ଧିଜୀବୀ, ଗଣମାଧମ ପ୍ରତିନିଧି ବୃନ୍ଦ ଉପସ୍ଥିତ ଥିଲେ। ଶେଷରେ ଡେପୁଟି ସୁପେରିନଣ୍ଟେଡେଣ୍ଟ ଏକସାଇଜ୍ ଅନିତା ଓଝା ଧନ୍ୟବାଦ ଅର୍ପଣ କରିଥିଲେ।




## ମହରମ ପର୍ବ ଉପଲକ୍ଷେ ଭଦ୍ରକ ମୁସଲିମ ଜମାତର ପ୍ରସ୍ତୁତି ବୈଠକ

ଭଦ୍ରକ, (ହି.ସ): ଭଦ୍ରକ ପୁରୁଣା ବଜ଼ାର ସ୍ଥିତ ମଦିନା ମଇଦାନ ରେ ସନ୍ଧ୍ୟା ସାଢ଼େ ୭ ଘଟିକା ସମୟରେ ପବିତ୍ର 'ମହରମ' ପର୍ବ ପାଳନ ଲାଗି ଭଦ୍ରକ ମୁସଲିମ ଜମାତର ବୈଠକ ଜମାତର ଉପ-ସଭାପତି ମହମ୍ମଦ ଜକାଉଲ୍ଲା ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି ଓ ଏହି ବୈଠକରେ ମହରମ ପର୍ବ ପାଳନ ଲାଗି ମହରମ ଅସ୍ଥାୟୀ କମିଟି ଗଠନ କରାହେଲା, ଏହି ଅସ୍ଥାୟୀ କମିଟିରେ ସଭାପତି ଭାବେ ଆଇନଜୀବୀ ଜମିଲ ଅଖତର ଖାନ, ୩ ଗୋଟି ଉପ-ସଭାପତି ଭାବେ ଇଂ ରେଜାଏ ରସୁଲ, ପରିଷଦ ସାହିଦ ଖାନ, ପୂର୍ବତନ ପରିଷଦ ଅସରଫ ଅଲି ଖାନ, ସାଧାରଣ ସମ୍ପାଦକ ଭାବେ ଅଖତର ଅଲି ଖାନ, ୫ ଗୋଟି ଉପ-ସଭାପତି ଭାବେ ପାରିଷଦ ସୈୟଦ ନାସର ଅଲି, ହୈଦର ଅଲି ଖାନ, ହାଜି ଅବୁ ହୋସେନ ଖାନ, ହାଜି ଅବଦୁସ ସଲାମ, ସେକ ରଫିକ, କୋଷାଧକ୍ଷ ଭାବେ ଶେଖ ଇମତିୟାଜ୍ ଏବଂ ୬୧ ଟି ଗାଁର କାଫେଲା ସରଦାର ମାନେ ଏହି କମିଟିର ସଭ୍ୟ ଭାବେ ନିୟୋଜିତ ହୋଇଛନ୍ତି ଓ ଇସଲାମ ଧର୍ମରେ ଚନ୍ଦ୍ର ଦର୍ଶନ କୁ ଆଧାର କରି ପ୍ରତ୍ୟେକ ବର୍ଷ ପର୍ବ ପାଳନ କରାଯାଇଥାଏ ଓ ଜୁନ ୨୬ ତାରିଖ ସନ୍ଧ୍ୟାରେ ଚନ୍ଦ୍ର ଦର୍ଶନର ପ୍ରମାଣ ପାଇଲା ପରେ ୨୭ ତାରିଖ ଶୁକ୍ରବାର ଚନ୍ଦ୍ରର ପ୍ରଥମ ଦିନ ତଥା ଇସଲାମିକ (ହିଜିରୀ) କ୍ୟାଲେଣ୍ଡର ଅନୁସାରେ ମହରମ ପର୍ବ ବର୍ଷର ପ୍ରଥମ ମାସ ଓ ମହରମ ୧ ତାରିଖରୁ ୧୦ ଦିନ ଯାଏଁ ମହରମ ପର୍ବ ପାଳିତ ହୁଏ ଏବଂ ଶେଷ ୧୦ ଦିନ ଟି (ରବିବାର) ତଥା ଜୁଲାଇ ୬ ତାରିଖ କୁ 'ୟମେ-ଆସୁରା' ରୂପେ ପାଳନ କରାଯିବ ଓ ଏହି ଦିନରେ ଶେଷ ନବୀ ପ୍ରଫେଟ ମହମ୍ମଦ ଙ୍କ ନାତି 'ହଜରତ ଇମାମ ହୋସେନ' ଇରାକ ସହର ସ୍ଥିତ 'କରବଲା ମଇଦାନରେ' ଶତ୍ରୁ ଆଗରେ ନିଜକୁ ସମର୍ପଣ ନ କରି ଇସଲାମ ଧର୍ମ ପାଇଂ ନିଜ ପ୍ରାଣ ବଳିଦାନ ଦେଇ ଶହୀଦ ହୋଇଥିଲେ, ଏହି ଯାଦେ ହୋସେନ ପର୍ବ ୧୪୪୭ ହିଜ୍‌ରୀ ବର୍ଷ ରୂପେ ପାଳନ ହେବ ଓ ପ୍ରତ୍ୟେକ ପର୍ବ ଭାଇଚାରା ସହିତ ପାଳନ ହୁଏ ଏବଂ ଏହି ପର୍ବରେ ସମସ୍ତ ବସ୍ତିରୁ କାଫେଲା ବାହାରି ସହର ପରିକ୍ରମା କରି ମଦିନା ମଇଦାନ ରେ ଓ ନଂଘା ମହଲ୍ଲା ମସଜିଦ ସାମ୍ନା ରେ ପହଁଚିବେ ଏବଂ ପହଂଚିବା ସ୍ଥାନ ରେ ଧର୍ମସଭା ର ଆୟୋଜନ ହେବ ବୋଲି ସିଦ୍ଧାନ୍ତ ହୋଇଛି ଓ ଏହି ସଭାରେ ମୁସଲିମ ଜମାତର ସାଧାରଣ ସମ୍ପାଦକ ହାଜି ଏନାମ ମହମ୍ମଦ, ସମ୍ପାଦକ ହାଜି ଅବଦୁଲ ମୁକିତ ଖାନ, ଏସଏମ ଫାରୁକ, ହାଜି କାସିମ ଖାନ, ମିର୍ଜା ଏକ୍ରାମ ବେଗ, ମାଷ୍ଟର ମୁସ୍ତାକ ଗୌହର, ଆଇନଜିବି ତାହେର ମହମ୍ମଦ , ଇଂ ମୁଖତାର ଅହେମଦ ରସିଦ, ମିଡ଼ିଆ ସେଲ ଶେଖ ଅନୱର (ବାବୁ), ଶେଖ ନସିମ ଅଖତର କାଦରୀ ଓ ସମସ୍ତ ବସ୍ତିର ସରଦାର ପ୍ରମୁଖ ଉପସ୍ଥିତ ରହିଥିଲେ ।

## ରଥ ଯାତ୍ରା ଉପଲକ୍ଷେ ଆଇନ ସହାୟତା କେନ୍ଦ୍ର ଉଦ୍‌ଘାଟନ



କୋରାପୁଟ, (ଡିକେ ନ୍ୟୁଜ୍): ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକଙ୍କ ନିର୍ଦ୍ଦେଶ ଅନୁଶାରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, କୋରାପୁଟ-ଜୟପୁର ଆନୁକୂଲ୍ୟରେ ରଥ ଯାତ୍ରା ଉପଲକ୍ଷେ ଶାବର ଶ୍ରୀକ୍ଷେତ୍ର, କୋରାପୁଟ ନିକଟସ୍ଥ ମାଉସି ମା ମନ୍ଦିର ପ୍ରାଙ୍ଗଣରେ ଜିଲ୍ଲା ଜଜ୍ ତଥା ଅଧ୍ୟକ୍ଷ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଜୟପୁର ପ୍ରଦୀପ କୁମାର ମହନ୍ତଙ୍କ ତତ୍ତ୍ୱାବଧାନରେ ଆଇନ ସହାୟତା କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ଆଇନ ସହାୟତା କେନ୍ଦ୍ରକୁ ତାଲୁକା ଲିଗାଲ କମିଟି କୋରାପୁଟ ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଜଜ୍ ଦୀପକ ରଞ୍ଜନ ସାହୁ ଆନୁଷ୍ଠାନିକ ଭାବରେ ଉଦ୍‌ଘଟନ କରିଥିଲେ। ଉଦ୍‌ଘଟନ ଶିବିରି ଅତିରିକ୍ତ ଜିଲ୍ଲା ଜଜ୍ ତଥା ସ୍ପେସିଆଲ ଜଜ ପୋକ୍ସ କୋର୍ଟ ଜୟପୁର ଡଃ.ସଂଘମିତ୍ରା ଦାସ, ମୁଖ୍ୟ ବିଚାର ବାଭାଗ ଦଣ୍ଡାଧିକାରୀ, ଜୟପୁର ଏସ. ଶୁଭଲକ୍ଷ୍ମୀ, ଜିଲ୍ଲା ଆଇନ ସେବା ପ୍ରାଧିକରଣ, ସଚିବ ତଥା ବିଚାରପତି ପ୍ରୋଦ୍ୟମୟୀ ସୁଜତା, ବରିଷ୍ଟ ଦେୱାନୀ ବିଚାରପତି (ମହିଳା କୋର୍ଟ) ଜୟପୁର ଅଳକାନନ୍ଦା ମହାନ୍ତି, ଏସଡିଜେଏମ୍ କୋରାପୁଟ ଚନ୍ଦନ ଦାସ, ସେସିଆନ ଜେଏମ, ଗୟାଧର ପାଣିଗ୍ରାହୀ, କୋରାପୁଟ ମୁନସିପ୍ ସୁଦାବାଇ ଅଗ୍ରୱାଲ, ଦ୍ୱିତୀୟଶ୍ରେଣୀ ବିଚାର ବିଭାଗ ଦଣ୍ଡାଧିକାରୀ କୁମାରୀ ପ୍ରଜ୍ଞାସୁମନ ମହାପାତ୍ର, ଦୀକ୍ଷ୍ୟା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ତାସହିତ ଜିଲ୍ଲା ଆଇନ ସେବାପ୍ରାଧିକରଣ, କର୍ମଚାରୀ ବୃନ୍ଦ, କୋରାପୁଟ ବିଚାରବିଭାଗୀୟ କର୍ମଚାରୀ ବୃନ୍ଦ, ପାରାଲିଗାଲ ସ୍ୱେଚ୍ଛାସେବୀ, ପଲିସପ୍ରଶାସନ ଉପସ୍ଥିତ ରହିଥିଲେ। ଆଇନ ସହାୟତା କେନ୍ଦ୍ର ରଥଯାତ୍ରାଠୁ ପ୍ରାୟ ସାତଦିନ ପର୍ଯ୍ୟନ୍ତ ନିରନ୍ତର ଓ ମାଗଣଆ ଆଇନ ସହାୟତା ଯୋଗାଇଦେବାରେ ସହାୟତା କରିବ ଯେଉଁ ଥିରେ ପ୍ରତି ଦିନ ପାରାଲିଗାଲ ସ୍ୱେଚ୍ଛାସେବୀମାନେ ଉପସ୍ଥିତ ରହି ଜନସାଧାରଣମାନଙ୍କୁ ବିଭିନ୍ନ ଆଇନ ଗତ ସମସ୍ୟା ଯେପରି ବିନା ମୂଲ୍ୟରେ ଆଇନ ସହାୟତା ଓ ପରାମର୍ଶ ନିମନ୍ତେ ଜାତୀୟ ଆଇନ ସେବା ପ୍ରାଧିକରଣର ହେଲ୍ପଲାଇନ୍ ନମ୍ବର-୧୫୧୦୦, ସମ୍ମୁଖ କାର୍ଯ୍ୟାଳୟ, ଆଇନ ସେବାପ୍ରାଧିକରଣ କାର୍ଯ୍ୟକାରିତା ଓ ଉପକାରିତା ସମ୍ପର୍କରେ ସୂଚନା ଦିଆଯାଇ ସଚେତନତା କରିବା। ଆଇନ ସହାୟତା ପରିଦର୍ଶନ କରୁଥିବା ଲୋକମାନଙ୍କୁ ପ୍ରଚାରପତ୍ର ଦେଇ ଲୋକମାନଙ୍କୁ ଅବଗତ କରାଯିବ। ଲୋକମାନଙ୍କୁ ସହଜ ଉପାୟ ମାଧ୍ୟମରେ ନିଜର ଅସୁବିଧା ଜଣାଇପାରିବେ ଏବଂ ଆଇନଗତ ସମସ୍ୟାରୁ ମୁକ୍ତ ହୋଇପାରିବେ କୋର୍ଟ କଚେରି, ଥାନା, ସରକାରୀ କାର୍ଯ୍ୟାଳୟ ଗୁଡିକରେ ନିଜର ମୌଳିକ ଅଧିକାର ପାଇପାରିବେ ସେ ସମ୍ପର୍କରେ ସଚିବ ଶ୍ରୀମତି ପି.ସୁଜତା ଜନସାଧାରଣଙ୍କୁ ଅବଗତ କରାଇଥିଲେ।

## ମା' ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଜଳଛତ୍ର

ତିହିଡ଼ି, (ଡିକେ ନ୍ୟୁଜ୍): ପବିତ୍ର ରଥଯାତ୍ର ଯାତ୍ରା ଅବସରରେ କେଶପୁର ସ୍ଥିତ ହରିବୋଲ କ୍ଷେତ୍ରରେ ବେନ୍ତାଳ ପଞ୍ଚାୟତ ଅଧୀନ କାଶଲପୁର ଗ୍ରାମର ମା' ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଭକ୍ତମାନଙ୍କ ପାଇଁ ଜଳଛତ୍ର ଶିବିର କରାଯାଇଥିଲା। ହରିବୋଲ କ୍ଷେତ୍ରକୁ ରଥଯାତ୍ରା ଦେଖିବା ଯାଇଥିବା ହଜାର ହଜାର ଶ୍ରଦ୍ଧାଳୁଙ୍କୁ ଲେମ୍ବୁ ସର୍ବତ ବଣ୍ଟନ କରାଯାଇଥିଲା। କମିଟି ପକ୍ଷରୁ ସଭାପତି ସଂଜୀବ ଥଟେଇ, ସୁଶାନ୍ତ ଥଟେଇ, ରଜତ ଥଟେଇ, ଦେବବ୍ରତ ଥଟେଇ, ପବିତ୍ର ଥଟେଇ, ଆଶିଷ ନାୟକ, ଓମ୍‌ପ୍ରକାଶ ପଣ୍ଡା, ମଦନ ମୋହନ ଥଟେଇ, ସମର ନାୟକ, ଶମ୍ଭୁନାଥ ନାୟକ, ପ୍ରକାଶ ଥଟେଇ, ଦେବାଶିଷ ଥଟେଇ, ଜ୍ୟୋତିରଂଜନ ଥଟେଇ ପ୍ରମୁଖ ଜଳଛତ୍ର ଶିବିରକୁ ପରିଚାଳନା କରିଥିଲେ।

## ପୌରପାଳିକା ପକ୍ଷରୁ ହୋଟେଲ ଯାଞ୍ଚ

ଜୟପୁର, (ହି.ସ): ଜୟପୁରରେ ରଥଯାତ୍ରା ଓ ଡାଇରିଆର ଭୟ ଥିବା ଯୋଗୁଁ ଜୟପୁର ମୁଖ୍ୟ ରାସ୍ତା କଡରେ ଥିବା ହୋଟେଲ ଗୁଡିକର ଖାଦ୍ୟ ଯାଂଚ୍ କରିଛି ପୌରପାଳିକା। ପୌରପାଳିକାର ଏକ ଟିମ୍ ଫୁଡ ଜୋନ୍ ର ସମସ୍ତ ଦୋକାନ, ମହାରାଜା ହୋଟେଲ, ସୌରାସାହି ନିକଟରେ ପ୍ରିନ୍ସେସ ହୋଟେଲ ଓ ବିଭିନ୍ନ ଉଠା ଦୋକାନ ଗୁଡିକୁ ଯାଇ ଉନ୍ନତ ମାନର ଖାଦ୍ୟ ପ୍ରଦାନ କରିବାକୁ ତାଗିଦ କରିଥିଲେ। ହୋଟେଲ ଗୁଡିକରେ ସ୍ୱଚ୍ଛ ଓ ନିର୍ମଳ ପାଣି ବ୍ୟବହାର କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିଲା। ଆସନ୍ତା ୨ ଦିନ ପରେ ସ୍ୱାସ୍ଥ୍ୟ ଅଧିକାରୀ ଆସିବା ପରେ ପୁଣି ଥରେ ସମସ୍ତ ଦୋକାନ ଗୁଡିକରେ ଚଢ଼ଉ କରାଯିବ ବୋଲି ପୌରପାଳିକା ପକ୍ଷରୁ ସୂଚନା ଦିଆଯାଇଛି। ଏହି ଯାଂଚ୍ ଟିମରେ ସାନିଟେରି ଇନ୍ସପେକ୍ଟର ଭୁବନୀ ହାଲବା, ସାନିଟାରି ଏକ୍ସପର୍ଟ ସତ୍ୟ ନାରାୟଣ ପାତ୍ର, କିରଣ କୁମାର ମଲ୍ଲିକ, ଜମାଦାର ପି.ଜଗଦୀଶ ରାଓଙ୍କ ସମେତ ପୌର କର୍ମକର୍ତା ଉପସ୍ଥିତ ଥିଲେ।

## ସାମାନ୍ୟ ବର୍ଷା ଜଳରେ ବ୍ରହ୍ମବରଦା ମୁଖ୍ୟ ରାସ୍ତାରେ ଆଣ୍ଠୁଏ ପାଣି

ଧର୍ମଶାଳା, (ହି.ସ): ଏବେ ରାଜ୍ୟରେ ମୌସୁମୀ ପ୍ରବାହ ସକ୍ରୀୟ ରହିଛି। ଫଳରେ ମଝିରେ ମଝିରେ ବର୍ଷା ଲାଗି ରହୁଛି। ଏହି ବର୍ଷା ହେବା ଫଳରେ ଜନସାଧାରଣ ଗ୍ରୀଷ୍ମ ପ୍ରବାହରୁ ଆଶ୍ୱସ୍ତି ମିଳିଛି। ଅନ୍ୟପକ୍ଷରେ ଏହି ବର୍ଷା ହେବା ଫଳରେ ଗ୍ରାମାଚଂଳର ମୁଖ୍ୟ ରାସ୍ତାରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହୁଛି। ରାସ୍ତାରେ ଯାତାୟତ କରୁଥିବା ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଡ୍ରେନେଜ୍ ବ୍ୟବସ୍ଥା ନ ଥିବାରୁ ଏଭଳି ସମସ୍ୟା ସବୁ ଦିନ ଲାଗି ରହୁଛି। ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ଅଂଚଳରେ। ରସୁଲପୁର ବ୍ଲକ ଅବିଭକ୍ତ ବ୍ରହ୍ମବରଦା ଏକ ଜନବହୁଳ ଅଂଚଳଭାବେ ଜିଲାରେ ବେଶ୍ ପରିଚିତ। ବ୍ରହ୍ମବରଦା ଓ ମହେଶ୍ୱରପୁର ପଂଚାୟତର ୨୦ ହଜାରୁ ଉର୍ଦ୍ଧ ଜନସାଧାରଣଙ୍କୁ ନେଇ ଏହି ଅଂଚଳରେ ବହୁ ସ୍ଥାନରେ ବଡ ବଡ ବ୍ୟବସାୟ ପ୍ରତିଷ୍ଠାନମାନ ଗଢି ଉଠିଛି। ଏହା ସହିତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ, ସରକାରୀ ଓ ବେସରକାରୀ ଚିକିତ୍ସାଳୟ ଓ ରାଷ୍ଟ୍ରୀୟତ ବ୍ୟାଙ୍କ ରହିଛି। ପ୍ରତିଦିନ ଏହି ଅଂଚଳକୁ ଧର୍ମଶାଳା ବ୍ଲକ ସମେତ ବଡଚଣା, ଯାଜପୁର ଓ ବରୀ ବ୍ଲକର ଅନେକ ପଂଚାୟତ ଏହା ଉପରେ ନିର୍ଭର କରିଥାନ୍ତି। ଏବଂ ଏହି ଅଂଚଳ ୨ଟି ମୁଖ୍ୟ ରାଜପଥକୁ ସଂଯୋଗ କରୁଛି। ବରୁହାଁ-କୃଷ୍ଣଦାସପୁର ଓ ବ୍ରହ୍ମବରଦା-ଜାରକା ୧୬ ନଂ ଜାତୀୟ ରାଜପଥକୁ ସଂଯୋଗ କରୁଛି। ସଦର ମହକୁମାକୁ ଯିବା ପାଇଁ ଏହା ଏକ ମୁଖ୍ୟ ରାସ୍ତା ହୋଇଛି। ତେବେ ସମାନ୍ୟ ବର୍ଷା ହେବା ଫଳରେ ଏହି ମୁଖ୍ୟ ରାସ୍ତାରେ ବର୍ଷା ଜଳ ଦୀର୍ଘ ଦିନ ଧରି ଜମି ରହୁଛି। ରାସ୍ତାରେ ଦେଇ ଯାତାୟତ କରୁଥିବା ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କଠାରୁ ଆରମ୍ଭ କରି ବୃଦ୍ଧବୃଦ୍ଧାମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷେ ରାସ୍ତାରେ କଡରେ ଥିବା ବ୍ୟବସାୟୀ ଓ ଘର ବସବାସ କରୁଥିବା ଜନସାରଣମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୀର୍ଘ ଦିନ ଧରି ବର୍ଷା ଜଳ ଜମିବା ଫଳରେ ପାଣିରେ ବିଭିନ୍ନ ପ୍ରକାରର ପୋକ ରହୁଥିବା ବେଳେ ପାଣିରୁ ବାହାରୁ ଥିବା ଦୃଗନ୍ଧରେ ନାକ ଦେବା ସମ୍ଭବ ହେଉ ନାହିଁ। ଗଲା କିଛଇ ଦିନ ହେବ ଜିଲାରେ ଡାଇରିଆର ପ୍ରଭାବ ବୃଦ୍ଧି ପାଇବାରେ ଲାଗିଛି। ଏହି ସ୍ଥାନମାନଙ୍କରେ ଡାଇରିଆ ରୋଗୀଙ୍କ ସଂଖ୍ୟା କମିବା ପରିବର୍ତେ ବୃଦ୍ଧି ପାଇବା ସମ୍ଭାବନା ରହିଛି। ଏନେଇ ବାରମ୍ବାର ବ୍ଲକ ପ୍ରଶାସନ ନିକଟରୁ ଆରମ୍ଭ କରି ଜିଲା ପ୍ରଶାସନ ପର୍ଯ୍ୟନ୍ତ ଅଭିଯୋଗ କଲେ ମଧ୍ୟ କିଛି ସୁଫଳ ମିଳୁ ନ ଥିବା ଅଂଚଳବାସୀ ଅଭିଯୋଗ କରିଛନ୍ତି। ତେବେ ଏହି ସ୍ଥାନରେ ଡ୍ରେନେଜ୍ ହେବା ଆବଶ୍ୟକ ରହିଛି। ଯେଉଁ ସ୍ଥାନରେ ଡ୍ରେନେଜ୍ ଆବଶ୍ୟକ ନାହିଁ ସେହି ସ୍ଥାନମାନଙ୍କରେ ଡ୍ରେନେଜ୍ ହେବାରୁ ଅଂଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏବଂ ଯେଉଁ ସ୍ଥାନରେ ଡେନେଜ୍ର ସୁବିଧା ଅଛି ତାହା ବର୍ତମାନ ଅବରୋଧ ହୋଇପଡିଛି। ତାହାକୁ ତୁରନ୍ତ ମରାମତି କରିବାର ଆବଶ୍ୟକତା ହୋଇପଡିଛି। ତୁରନ୍ତ ଜିଲା ପ୍ରଶାସନ ଏହି ଅଂଚଳପ୍ରତି ସ୍ୱତନ୍ତ୍ରଭାବେ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।





# ଭାରତର ୨୦୩୬ ଅଲିମ୍ପିକ୍ସ ଆଶା ସ୍ଥଗିତ

## ନୂତନ ଆଇଓସି ଅଧ୍ୟକ୍ଷ ନିଲାମ ପ୍ରକ୍ରିୟାକୁ ବନ୍ଦ କଲେ



ନୂଆଦିଲ୍ଲୀ, ୨୭।୬ (ହି.ସ): ଭାରତର ୨୦୩୬ ଅଲିମ୍ପିକ୍ସ ଆୟୋଜନ କରିବାର ସ୍ୱପ୍ନକୁ ଏକ ବଡ଼ ଝଟକା ଲାଗିଛି। ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି)ର ନୂତନ ଅଧ୍ୟକ୍ଷ କିର୍ଷ୍ଟି କୋଭେଣ୍ଟ୍ରି ଅଲିମ୍ପିକ୍ସ ଆୟୋଜକ ସହର ଚୟନ ପ୍ରକ୍ରିୟାକୁ ସ୍ଥଗିତ ରଖିବା ଏବଂ ଏହାର ସମୀକ୍ଷା କରିବାର ନିଷ୍ପତ୍ତି ନେଇଛନ୍ତି। ଏହି ନିଷ୍ପତ୍ତି ଭାରତର ଅହମ୍ମଦାବାଦକୁ ୨୦୩୬ ଅଲିମ୍ପିକ୍ସ ଆୟୋଜନର ସମ୍ଭାବ୍ୟ ପ୍ରାର୍ଥୀ ଭାବେ ଦାବି କରିବାର ଯୋଜନାକୁ ଅନିଶ୍ଚିତତା ମଧ୍ୟକୁ ଠେଲି ଦେଇଛି। ଆଇଓସିର ନୂତନ ଅଧ୍ୟକ୍ଷ କିର୍ଷ୍ଟି କୋଭେଣ୍ଟ୍ରି, ଯିଏ ଜିମ୍ବାୱେର ପୂର୍ବତନ ଅଲିମ୍ପିଆନ ଏବଂ ଅଲିମ୍ପିକ୍ ଇତିହାସରେ ପ୍ରଥମ ଆଫ୍ରିକୀୟ ଅଧ୍ୟକ୍ଷ, ଘୋଷଣା କରିଛନ୍ତି ଯେ ଆୟୋଜକ ସହର ଚୟନ ପ୍ରକ୍ରିୟାରେ ଏକ ସମୀକ୍ଷା ଆବଶ୍ୟକ। ତାଙ୍କ ମତରେ, ବର୍ତ୍ତମାନର ଚୟନ ପ୍ରଣାଳୀକୁ ଅଧିକ ସ୍ୱଚ୍ଛ ଏବଂ ନ୍ୟାୟପୂର୍ଣ୍ଣ କରିବା ପାଇଁ ଏକ କାର୍ଯ୍ୟଗୋଷ୍ଠୀ ଗଠନ କରାଯିବ। ଏହି ସମୀକ୍ଷା କେବେ ଏବଂ କିପରି ଭବିଷ୍ୟତ ଅଲିମ୍ପିକ୍ସ ଆୟୋଜକମାନଙ୍କୁ ଚୟନ କରାଯିବ ତାହା ନିର୍ଦ୍ଧାରଣ କରିବ। ଏହି ଘୋଷଣା ଭାରତୀୟ ପ୍ରତିନିଧିମଣ୍ଡଳୀଙ୍କ ଲୋଜାନେ (ଆଇଓସି ମୁଖ୍ୟାଳୟ) ପ୍ରସ୍ତାବିତ ଗସ୍ତ କିଛି ଦିନ ପୂର୍ବରୁ ଆସିଛି, ଯେଉଁଠାରେ ଭାରତ ନିଜର ପ୍ରାର୍ଥୀତା ଉପସ୍ଥାପନ କରିବାକୁ ଯାଉଥିଲା। ତେବେ, ଆଇଓସିର ଏହି ନିଷ୍ପତ୍ତି ସତ୍ତ୍ୱେ ଭାରତୀୟ ପ୍ରତିନିଧିମଣ୍ଡଳୀଙ୍କ ସହ ଆଲୋଚନା ଆଗାମୀ ସପ୍ତାହରେ ଜାରି ରହିବ। ଭାରତ ଦୀର୍ଘ ଦିନ ଧରି ୨୦୩୬ ଅଲିମ୍ପିକ୍ସ ଆୟୋଜନ ପାଇଁ ପ୍ରସ୍ତୁତି ଚଳାଇଛି, ଯେଉଁଥିରେ ଗୁଜରାଟର ଅହମ୍ମଦାବାଦକୁ ପ୍ରମୁଖ ଆୟୋଜକ ସହର ଭାବେ ପ୍ରସ୍ତୁତ କରାଯାଉଛି। ଅହମ୍ମଦାବାଦରେ ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି, ଯେପରିକି ନରେନ୍ଦ୍ର ମୋଦି ଷ୍ଟାଡିୟମ ଏବଂ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ସ୍ପୋର୍ଟସ ଏନକ୍ଲେଭ, ଏହାର ଦାବିକୁ ମଜବୁତ କରୁଛି। ଭାରତୀୟ ଅଲିମ୍ପିକ ସଂଘ (ଆଇଓଏ) ଏବଂ କେନ୍ଦ୍ର ସରକାର ଏହି ପ୍ରସ୍ତୁତିରେ ସକ୍ରିୟ ଭାବେ ଜଡ଼ିତ ଅଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଏହି ଲକ୍ଷ୍ୟକୁ ନେଇ ଅନେକ ଥର ଉତ୍ସାହଜନକ ବୟାନ ଦେଇଛନ୍ତି। ତେବେ, ଆଇଓସିର ଏହି ନୂତନ ନିଷ୍ପତ୍ତି ଭାରତର ଯୋଜନାକୁ ଅସ୍ଥାୟୀ ଭାବେ ବାଧା ସୃଷ୍ଟି କରିଛି। ଅନ୍ୟ ପ୍ରାର୍ଥୀ ଦେଶ ଯେପରିକି ସାଉଦି ଆରବ, ଇଣ୍ଡୋନେସିଆ ଏବଂ ମେକ୍ସିକୋ ମଧ୍ୟ ୨୦୩୬ ଅଲିମ୍ପିକ୍ସ ପାଇଁ ଦାବିଦାର ଥିବାରୁ, ଚୟନ ପ୍ରକ୍ରିୟା ସ୍ଥଗିତ ହେବା ଏକ ଅଧିକ ପ୍ରତିଯୋଗିତାମୂଳକ ପରିସ୍ଥିତି ସୃଷ୍ଟି କରିପାରେ। ଆଇଓସିର ଏହି ନିଷ୍ପତ୍ତି ଭାରତର ଅଲିମ୍ପିକ୍ସ ଆୟୋଜନ ଯୋଜନାକୁ ବିଳମ୍ବ କରିପାରେ, କିନ୍ତୁ ଏହା ସମ୍ପୂର୍ଣ୍ଣ ରୂପେ ଅସମ୍ଭବ ହୋଇନାହିଁ। ବିଶେଷଜ୍ଞମାନଙ୍କ ମତରେ, ଏହା ଭାରତକୁ ନିଜର ପ୍ରସ୍ତୁତିକୁ ଆହୁରି ମଜବୁତ କରିବା ଏବଂ ଆଇଓସିର ନୂତନ ଚୟନ ମାନଦଣ୍ଡ ଅନୁଯାୟୀ ନିଜକୁ ପ୍ରସ୍ତୁତି ସୁଯୋଗ ଦେଇପାରେ। ଅହମ୍ମଦାବାଦରେ ଥିବା ଭିତ୍ତିଭୂମି ଏବଂ ଭାରତର ଅର୍ଥନୈତିକ ଓ ରାଜନୈତିକ ସ୍ଥିରତା ଏହାର ଦାବିକୁ ଏକ ଶକ୍ତିଶାଳୀ ଆଧାର ଯୋଗାଇ ଦେଉଛି।

# ଜାତୀୟ ଜଳକ୍ରୀଡ଼ା: କର୍ଣ୍ଣାଟକ ବିଜେତା, ଓଡ଼ିଶା ସପ୍ତମ



ଭୁବନେଶ୍ୱର, ୨୭।୬ (ହି.ସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ୭୮ତମ ଜାତୀୟ ଜଳକ୍ରୀଡ଼ା ପ୍ରତିଯୋଗିତା ଗୁରୁବାର ଉଦଯାପିତ ହୋଇଛି। ଉଭୟ ପୁରୁଷ ଓ ମହିଳା ସହ ମୋଟ ଉପରେ କର୍ଣ୍ଣାଟକ ବିଜେତା ହେବାର ଗୌରବ ଅର୍ଜନ କରିଛି। ଓଡ଼ିଶା ୬ (୧ ସ୍ୱର୍ଣ୍ଣ, ୨ ରୌପ୍ୟ, ୩ କାଂସ୍ୟ) ପଦକ ସହ ସପ୍ତମରେ ଅଭିଯାନ ଶେଷ କରିଛି। କର୍ଣ୍ଣାଟକ ୧୬ ସ୍ୱର୍ଣ୍ଣ, ୧୧ ରୌପ୍ୟ ଓ ୧୪ କାଂସ୍ୟ ସହ ୪୧ ପଦକ ପାଇଛି। କର୍ଣ୍ଣାଟକର ଦୁଇ ଖେଳାଳି ସୋଆନ ଗାଙ୍ଗୁଲି ଓ ଧୀନିଧୀ ଦେସିଙ୍ଘୁ ୨ଟି ଲେଖାଏଁ ଜାତୀୟ କୀର୍ତ୍ତିମାନ କରିବା ସହ ଯଥାକ୍ରମେ ପୁରୁଷ ଓ ମହିଳା ବର୍ଗରେ ଶ୍ରେଷ୍ଠ ସ୍ୱିମର୍ ହୋଇଛନ୍ତି। ଏହି ୫ ଦିନିଆ ପ୍ରତିଯୋଗିତାରେ ୧୪ ଜାତୀୟ କୀର୍ତ୍ତିମାନ ଦେଖିବାକୁ ମିଳିଛି। ଶେଷ ଦିନରେ ଓଡ଼ିଶାକୁ ୨ ପଦକ ଭେଟି ଦେଇଥିଲେ ମନ୍ନତା ମିଶ୍ର ଓ ପ୍ରତ୍ୟାଶା ରାୟ। ମନ୍ନତା ରୌପ୍ୟ ଓ ପ୍ରତ୍ୟାଶା କାଂସ୍ୟ ପାଇଥିଲେ। ମହିଳା ୧୦୦ ମିଟର ବ୍ରେଷ୍ଟ୍ଷ୍ଟ୍ରୋକରେ ମନ୍ନତା (୧:୧୫.୫୭) ଦ୍ୱିତୀୟରେ ରହିଥିଲେ। ଏହି ସମାନ ସମୟରେ ରେସ୍ ଶେଷ କରିଥିବା ମହାରାଷ୍ଟ୍ରର ସାନଭୀ ଦେଶୱାଲଙ୍କ ସହ ମନ୍ନତା ଯୁଗ୍ମ ଭାବେ ରୌପ୍ୟ ବିଜୟିନୀ ହୋଇଥିଲେ। ଆର୍ଏସପିବିର ହର୍ଷିତା ଜୟରାମ (୧:୧୩.୨୪) ସ୍ୱର୍ଣ୍ଣ ପାଇଥିଲେ। ଦିବ୍ୟଙ୍କା ଦିବ୍ୟଜ୍ୟୋତି ପ୍ରଧାନ (୧:୧୫.୭୨) ଚତୁର୍ଥରେ ରହି ଅଳ୍ପକେ ପଦକରୁ ବଞ୍ଚିତ ହୋଇଥିଲେ। ୧୦୦ ମିଟର ବ୍ୟାକଷ୍ଟ୍ରୋକରେ ପ୍ରତ୍ୟାଶା (୧:୦୫.୬୪) ତୃତୀୟ ସ୍ଥାନରେ ରହିଥିଲା ବେଳେ କର୍ଣ୍ଣାଟକର ବିହିତା ନୟନା ଲୋଗନାଥନ (୧:୦୫.୧୮) ସ୍ୱର୍ଣ୍ଣ ଏବଂ ବେଙ୍ଗଲର ସେବ୍ରିତି ମଣ୍ଡଳ (୧:୦୫.୧୯) ରୌପ୍ୟ ଜିତିଥିଲେ। ଶେଷ ଦିନରେ ଗୋଟିଏ ଜାତୀୟ କୀର୍ତ୍ତିମାନ ହୋଇଥିଲା। ପୁରୁଷ ୪୦୦ ମିଟର ମିଡଲେରେ ଅର୍ଯ୍ୟନ ନେହେରା (୪:୨୫.୬୨)ଙ୍କ ନାମରେ ଥିବା ଜାତୀୟ କୀର୍ତ୍ତିମାନକୁ କର୍ଣ୍ଣାଟକର ସୋଆନ ଗାଙ୍ଗୁଲି (୪:୨୪.୬୪) ଭାଙ୍ଗିଥିଲେ। ସୂଚନାଯୋଗ୍ୟ ଯେ ଏହି ପ୍ରତିଯୋଗିତାରେ ଓଡ଼ିଶାର ୭ ଲେଖାଏଁ ପୁରୁଷ ଓ ମହିଳା ଖେଳାଳି ଭାଗନେଇଥିଲେ। ପୁରୁଷ ଖେଳାଳି ବିଫଳ ହୋଇଥିଲା ମହିଳା ଖେଳାଳି ଓଡ଼ିଶା ପାଇଁ ସମସ୍ତ ପଦକ ଜିତିଥିଲେ। ଉଦଯାପନୀ ଉତ୍ସବରେ ଅତିଥି ଭାବେ ଫିନା ବ୍ୟୁରୋ ସଦସ୍ୟ ତଥା ଏସୀୟ ଆକ୍ୱାଟିକ୍ ଫେଡେରେସନ୍ ସଭାପତି ବୀରେନ୍ଦ୍ର ନାନାବତୀ, କ୍ରୀଡ଼ା ଓ ଯୁବସେବା ବିଭାଗ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଯୁଗ୍ମସଚିବ ସୋନାଲି ଚନ୍ଦ, ଅମିତ କୁମାର ନାଏକ, ଓଏସଡି ଧୀରାଜ କୁମାର ପଟ୍ଟନାୟକ, ଭାରତୀୟ ସନ୍ତରଣ ମହାସଂଘ ସମ୍ପାଦକ ମୋନାଲ ଚୋକ୍ସି ଏବଂ ଉପସଭାପତି ବଳଦେବ ରାଜ ପ୍ରମୁଖ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

# ଦ୍ୱିତୀୟ ଟେଷ୍ଟ ଜିତି ସିରିଜ୍ ବରାବର ଲକ୍ଷ୍ୟରେ ଟିମ୍ ଇଣ୍ଡିଆ

ନୂଆଦିଲ୍ଲୀ, ୨୭।୬ (ହି.ସ): ଜୁନ୍ ୨୦ରୁ ଘରୋଇ ଇଂଲଣ୍ଡ ଓ ଇଣ୍ଡିଆ ମଧ୍ୟରେ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ମ୍ୟାଚ ଆରମ୍ଭ ହୋଇଛି। ଲିଡ୍ସର ହେଡିଂଲେରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ୫ ୱିକେଟରେ ପରାସ୍ତ ହୋଇଛି ଭାରତ। ଏବେ ସିରିଜ ୧-୦ରେ ରହିଛି। ଜୁଲାଇ ୨ରୁ ଦ୍ୱିତୀୟ ଟେଷ୍ଟ ଆରମ୍ଭ ହେବ। ଏହାକୁ ଜିତି ସିରିଜ୍ ବାରବାର କରିବା ଲକ୍ଷ୍ୟରେ ରହିଛି ଟିମ୍ ଶୁବମନ। ଭାରତ ପ୍ରଥମ ଟେଷ୍ଟ ହାରିଥିଲେ ବି ଦଳର ବ୍ୟାଟିଂ ପ୍ରଦର୍ଶନ ଭଲ ରହିଥିଲା। ତେଣୁ ଦଳ ପାଖରୁ ଆଶା କରାଯାଉଛି କି ଦ୍ୱିତୀୟ ଟେଷ୍ଟରେ ଭଲ ପ୍ରଦର୍ଶନ କରିବ। ସିରିଜ୍ ବରାବର କରିବାକୁ ଟିମ୍ ଇଣ୍ଡିଆ ଏମିତି କିଛି ରଣନୀତି ଆପଣାଇବାକୁ ପ୍ରୟାସ କରିବ ଯାହା ୫୮ ବର୍ଷରେ ଏଜବେଷ୍ଟନରେ ହୋଇନାହିଁ। ବର୍ମିଂହାମର ଏଜବାଷ୍ଟନରେ ଜୁଲାଇ ୨ରୁ ଆରମ୍ଭ ହେବ ସିରିଜର ଦ୍ୱିତୀୟ ଟେଷ୍ଟ। ଏହାକୁ ଭାରତକୁ ଜିତିବାକୁ ପଡିବ। ଫଳରେ ସିରିଜ ୧-୧ରେ ବରାବର ହେବ। ଏନେଇ ଭାରତକୁ ତାର ସବୁଠୁ ଉନ୍ନତ ପ୍ରଦର୍ଶନ କରିବାକୁ ପଡିବ। ଏଜବାଷ୍ଟନର ୧୦୦ ବର୍ଷ ପୁରୁଣା ଭେନ୍ୟୁରେ ଟିମ୍ ଇଣ୍ଡିଆ ଆଜି ଯାଏ ଗୋଟିଏ ବି ଟେଷ୍ଟ ମ୍ୟାଚ୍ ଜିତି ନାହିଁ। ଏଜବାଷ୍ଟନରେ ଟିମ୍ ଇଣ୍ଡିଆର ରେକର୍ଡ ହିଁ ପ୍ରମାଣ ଦେଉଛି ମୈଦାନ ତା' ପାଇଁ ସବୁଠୁ କଷ୍ଟକର ଭେନ୍ୟୁ। ୧୯୬୭ରେ ଭାରତ ପ୍ରଥମ ଟେଷ୍ଟ ଖେଳିଥିଲା। ଇଂଲଣ୍ଡ ୧୩୨ ରନର ବଡ଼ ବିଜୟ ହାସଲ କରିଥିଲା। ୨୦୨୨ରେ ଭାରତ ମୋଟ ୮ ଟେଷ୍ଟ ଖେଳି ୭ଟିରେ ପରାସ୍ତ ହୋଇଥିଲା। ୧୯୮୬ରେ ଖେଳାଯାଇଥିବା ମ୍ୟାଚରେ ଭାରତ ଜିତିଥିଲା। ୫୮ ବର୍ଷରେ ମାତ୍ର ଥରେ ବିଜୟ ହାସଲ କରିଥିଲା। ଗତ ୩୯ ବର୍ଷରେ ପରାଜୟ ଏଡାଇବାରେ ବିଫଳ ଭାରତ। ପୂର୍ବ ମ୍ୟାଚରେ ହୋଇଥିଲା ପରାସ୍ତ-ଟିମ୍ ଇଣ୍ଡିଆକୁ କେବଳ ତାର ପ୍ରଦର୍ଶନରେ ଉନ୍ନତି ଆଣିବାକୁ ପଡିବ ତାହା ନୁହେଁ ନାହିଁ ଗ୍ରାଉଣ୍ଡରେ ତାର ପୁରୁଣା ଇତିହାସକୁ ମଧ୍ୟ ବଦଳାଇବାକୁ ପଡିବ। ଇତିହାସ ବିଷୟରେ କହିବାକୁ ଗଲେ, ଏହି ଗ୍ରାଉଣ୍ଡରେ ଭାରତୀୟ ଦଳ ଖେଳାଯାଇଥିବା ଶେଷ ମ୍ୟାଚରେ ସମାନ ପରିସ୍ଥିତି ଘଟିଥିଲା, ଯାହା ଲିଡ୍ସରେ ଦେଖାଯାଇଥିଲା। ଜୁଲାଇ ୨୦୨୨ରେ ଖେଳାଯାଇଥିବା ମ୍ୟାଚରେ ଭାରତୀୟ ଦଳ ଇଂଲଣ୍ଡକୁ ୩୭୩ ରନର ଟାର୍ଗେଟ ଦେଇଥିଲା। ଇଂଲଣ୍ଡ ସହଜରେ ଟାର୍ଗେଟକୁ ହାସଲ କରିଥିଲା। ଏହିଠୁ ଇଂଲଣ୍ଡର 'ବ୍ୟାଜ୍‌ବଲ୍' ଯୁଗ ଆରମ୍ଭ ହୋଇଥିଲା। ସେହି ମ୍ୟାଚରେ ଜସପ୍ରିତ ବୁମରାହ ପ୍ରଥମେ ଟିମ୍ ଇଣ୍ଡିଆର ଅଧିନାୟକ ହୋଇଥିଲେ। ହୁଏତ ଏଥର ବୁମରାହ ଏଜବାଷ୍ଟନରେ ଖେଳିବା ଦେଖିବାକୁ ମିଳିବ ନାହିଁ। ଏବେ ଟିମ୍ ଇଣ୍ଡିଆକୁ ତାଙ୍କ ବିନା ଇତିହାସ ବଦଳାଇବାକୁ ପଡିବ।

# ଜର୍ମାନୀରେ ସୂର୍ଯ୍ୟକୁମାରଙ୍କ ଅସ୍ତ୍ରୋପଚାର



ଲଣ୍ଡନ, ୨୭।୬ (ହି.ସ): ଭାରତୀୟ ଟ୍ୱେଣ୍ଟି-୨୦ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ହାର୍ନିଆ ଅସ୍ତ୍ରୋପଚାର ଜର୍ମାନୀର ମ୍ୟୁନିକରେ ସଫଳତାର ସହ ଶେଷ ହୋଇଛି। ଅସ୍ତ୍ରୋପଚାର ପରେ ସୂର୍ଯ୍ୟକୁମାର ସୁସ୍ଥ ଥିବା ଜଣାପଡ଼ିଛି। ଗତ ୩ ବର୍ଷ ମଧ୍ୟରେ ଏହା ତାଙ୍କର ତୃତୀୟ ଅସ୍ତ୍ରୋପଚାର। ଦୁଇସପ୍ତାହ ପରେ ସୂର୍ଯ୍ୟକୁମାର ବେଙ୍ଗାଲୁରୁସ୍ଥିତ ବିସିସିଆଇ ସେଣ୍ଟର ଅଫ ଏକ୍ସଲେନ୍ସରେ ପୁର୍ନବାସ ଆରମ୍ଭ କରିବେ। ସୂର୍ଯ୍ୟକୁମାର ଯାଦବ ଇନଷ୍ଟାଗ୍ରାମରେ ଲେଖିଛନ୍ତି ଯେ, ଜୀବନ ଅପଡେଟ। ଡାହାଣ ପଟ ତଳଭାଗରେ ସ୍ପୋର୍ଟସ ହାର୍ନିଆ ପାଇଁ ଅସ୍ତ୍ରୋପଚାର କରାଯାଇଛି। ଅସ୍ତ୍ରୋପଚାର ସଫଳ ହୋଇଥିବାରୁ ମୁଁ ଖୁସି। ମୁଁ ଏବେ ସୁସ୍ଥ ହେବାର ରାସ୍ତାରେ ଅଛି। ଖୁବଶୀଘ୍ର ଫେରିବି। ସ୍ପୋର୍ଟସ ହାର୍ନିଆ ହେଉଛି ଅଣ୍ଟା ତଳି ପେଟରେ ଏକ ନରମ ଟିସୁ ଆଘାତ। ଯାହା ପ୍ରାୟତଃ ମାଂଶପେଶୀ ଓ ଲିଗାମେଣ୍ଟକୁ ପ୍ରଭାବିତ କରେ। ଅସ୍ତ୍ରୋପଚାର ପରେ ସୂର୍ଯ୍ୟକୁମାର ପ୍ରାୟ ଦୁଇ ସପ୍ତାହ ପରେ ବେଙ୍ଗାଲୁରୁର ବିସିସିଆଇ ସେଣ୍ଟର ଫର ଏକ୍ସିଲେନ୍ସିରେ ପୁନର୍ବାସ ଆରମ୍ଭ କରିବେ ବୋଲି ବିସିସିଆଇ ପକ୍ଷରୁ କୁହାଯାଇଛି। ଭାରତର ପରବର୍ତ୍ତୀ ଧଳାବଲ ମ୍ୟାଚ ଅଗଷ୍ଟରେ ହେବ। ଭାରତୀୟ ଦଳ ବାଂଲାଦେଶ ବିପକ୍ଷରେ ୩ଟି ଦିନିକିଆ ଓ ଟ୍ୱେଣ୍ଟି-୨୦ ଶୃଙ୍ଖଳା ଖେଳିବ। ଉକ୍ତ ଶୃଙ୍ଖଳା ବେଳକୁ ସୂର୍ଯ୍ୟକୁମାର ସୁସ୍ଥ ହୋଇ ଯାଇଥିବା ନେଇ ଆଶା କରାଯାଉଛି। ସୂର୍ଯ୍ୟକୁମାର ୨୦୨୩ ବିଶ୍ୱକପ ଫାଇନାଲ ପରେ ଦିନିକିଆ ଖେଳିନାହାନ୍ତି। ୨୦୨୩ରେ ସୂର୍ଯ୍ୟକୁମାରଙ୍କ ଗୋଡ ଅସ୍ତ୍ରୋପଚାର ହୋଇଥିଲା। ଏହାଛଡ଼ା ୨୦୨୪ରେ ମଧ୍ୟ ତାଙ୍କର ହାର୍ନିଆ ଅସ୍ତ୍ରୋପଚାର ହୋଇଥିଲା।

# ପାକିସ୍ତାନରେ ରିଲିଜ ହେବ 'ସର୍ଦ୍ଦାରଜୀ ୩'




ନୂଆଦିଲ୍ଲୀ, ୨୭।୬ (ହି.ସ): ପଞ୍ଜାବୀ ଗାୟକ ତଥା ଅଭିନେତା ଦିଲଜିତ ଦୋସାଞ୍ଜଙ୍କ ଫିଲ୍ମ ଭାରତରେ ନୁହେଁ ପାକିସ୍ତାନରେ ରିଲିଜ ହେବ। ବିବାଦ ମଧ୍ୟରେ, ଜୁନ୍ ୨୭ ତାରିଖରେ 'ସର୍ଦ୍ଦାରଜୀ ୩' ପାକିସ୍ତାନରେ ରିଲିଜ୍ ହେବାକୁ ଯାଉଥିବା ଖବର ଆସିଛି। ପାକିସ୍ତାନ ସ୍ଥିତ ମୁଭି ଥିଏଟର ସିନେଗୋଲ୍ଡ ପ୍ଲେକ୍ସ ଦ୍ୱାରା ଇନଷ୍ଟାଗ୍ରାମରେ ସେୟାର କରାଯାଇଥିବା ଏକ ପୋଷ୍ଟ ଅନୁଯାୟୀ, ଦିଲଜିତ ଏବଂ ହାନିଆ ଅଭିନୀତ ଫିଲ୍ମଟି ଶୁକ୍ରବାର ଦେଶରେ ରିଲିଜ୍ ହେବାକୁ ଯାଉଛି। ସେମାନେ ପୋଷ୍ଟରେ ଲେଖିଛନ୍ତି ଅପେକ୍ଷା ଶେଷ ହୋଇଛି। ସର୍ଦ୍ଦାର ଜୀ ଫେରି ଆସିଛନ୍ତି। ସର୍ଦ୍ଦାର ଜୀ ୩ ଜୁନ୍ ୨୭ ତାରିଖରେ କମେଡି, ଡ୍ରାମା ସହିତ ବଡ଼ ପରଦାକୁ ଆସୁଛି। ଏବେ ଆପଣଙ୍କର ଟିକେଟ୍ ବୁକ୍ କରନ୍ତୁ। ଏହି ପୋଷ୍ଟ କିଛି ଦିନ ପୂର୍ବରୁ ସେୟାର କରାଯାଇଥିଲା। ସିନେଗୋଲ୍ଡ ପ୍ଲେକ୍ସର ଇସଲାମାବାଦ, ଲାହୋର ଏବଂ କରାଚୀରେ ଥିଏଟର ଅଛି। ସେହି ସମୟରେ, ନିର୍ମାତାମାନେ ଏହି ବିଷୟରେ ସେମାନଙ୍କର ସ୍ପଷ୍ଟୀକରଣ ଦେଇଥିଲେ। ସେମାନେ କହିଥିଲେ ଯେ ଫିଲ୍ମଟି ଫେବୃଆରୀ ପାଖାପାଖି ସୁଟିଂ ହୋଇଥିଲା ଯେତେବେଳେ ପହଲଗାମ ଆକ୍ରମଣ ଏପ୍ରିଲରେ ହୋଇଥିଲା, ତେଣୁ ଏହି ଦୁଇଟି ଜିନିଷ ମଧ୍ୟରେ କୌଣସି ସମ୍ପର୍କ ନାହିଁ। ସେମାନେ କହିଥିଲେ ଯେ, ଏହି ସମ୍ବେଦନଶୀଳ ସମୟରେ ଆମେ ଆମ ଦେଶ ଏବଂ ଆମର ଦେଶବାସୀଙ୍କ ସହିତ ଠିଆ ହୋଇଛୁ। ଏହାକୁ ଧ୍ୟାନରେ ରଖି, ପରିସ୍ଥିତି ନ ସୁଧୁରିବା ପର୍ଯ୍ୟନ୍ତ ଆମେ ଭାରତରେ ଫିଲ୍ମ ରିଲିଜ୍ ନକରିବାକୁ ନିଷ୍ପତ୍ତି ନେଇଛୁ। ଉଲ୍ଲେଖ ଥାଉ କି ଗୁରୁବାର ପଞ୍ଜାବୀ ତଥା ବଲିଉଡ ଅଭିନେତା ଦିଲଜିତ ଦୋସାଞ୍ଜ ତାଙ୍କ ଫିଲ୍ମ 'ସର୍ଦ୍ଦାରଜୀ ୩'ର ଟ୍ରେଲର ଲଞ୍ଚ କରିଥିଲେ ଏବଂ ଏହା ପରେ, ପଞ୍ଜାବୀ ଗାୟକ-ଅଭିନେତାଙ୍କୁ ସମାଲୋଚନାର ସମ୍ମୁଖୀନ ହେବାକୁ ପଡିଛିଥିଲା। କାରଣ ପାକିସ୍ତାନୀ ଅଭିନେତ୍ରୀ ହାନିଆ ଆମିର ଏହି ଫିଲ୍ମର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଥିଲେ। ଟ୍ରେଲର ଲଞ୍ଚ ହେବା ମାତ୍ରେ ନେଟିଜେନମାନେ ମଧ୍ୟ ପଞ୍ଜାବୀ ଗାୟକଙ୍କ ଉପରେ ବହୁତ କ୍ରୋଧିତ ହୋଇଗଲେ। ପହଲଗାମ ଆକ୍ରମଣ ପରେ ଭାରତରେ ପାକିସ୍ତାନୀ କଳାକାରମାନଙ୍କୁ ନିଷିଦ୍ଧ କରାଯାଇଥିଲା। ମୁକ୍ତିଲାଭ କରିବାକୁ ଥିବା ବାଣୀ କପୁର ଏବଂ ଫୱାଦ ଖାନଙ୍କ ଫିଲ୍ମ 'ଅବିର ଗୁଲାଲ' ମଧ୍ୟ ନିଷେଧ କରାଯାଇଥିଲା। ଏପରି ସମୟରେ, ଏକ ପଞ୍ଜାବୀ ଫିଲ୍ମରେ ଜଣେ ପାକିସ୍ତାନୀ ଅଭିନେତ୍ରୀ ଦେଖାଯିବା ଏବଂ ତା'ପରେ ଏହାର ଟ୍ରେଲର ରିଲିଜ ପରେ ବିବାଦ ଦେଖିବାକୁ ମିଳିଥିଲା।

# ମୁହଁରେ ରକ୍ତ ଓ ଆଖିରେ କ୍ରୋଧର ଜ୍ୱାଳା, ଭିନ୍ନ ଅବତାରରେ ରଶ୍ମିକା




ନୂଆଦିଲ୍ଲୀ, ୨୭।୬ (ହି.ସ): 'ଛାଭା'ର ଜବରଦସ୍ତ ସଫଳତା ପରେ ରଶ୍ମିକା ମନ୍ଦାନା ଏବେ ଧନୁଷଙ୍କ 'କୁବେରା'ରେ ନଜର ଆସିଛନ୍ତି। ଇତି ମଧ୍ୟରେ ଅଭିନେତ୍ରୀଙ୍କ ଆଗାମୀ ଫିଲ୍ମର ପୋଷ୍ଟର ରିଲିଜ୍ ହୋଇଛି। ଶୁକ୍ରବାର ରିଲିଜ୍ ହୋଇଥିବା ଏହି ପୋଷ୍ଟରରେ ରଶ୍ମିକା ସମ୍ପୂର୍ଣ୍ଣ ଭିନ୍ନ ତଥା ଲୋମ ହର୍ଷଣକାରୀ ଅବତାରରେ ନଜର ଆସିଛନ୍ତି, ଯେଉଁଥିପାଇଁ ଫିଲ୍ମକୁ ନେଇ ପ୍ରଶଂସକଙ୍କ ଉତ୍ସାହ ବୃଦ୍ଧି ପାଇଛି। ଚଳଚ୍ଚିତ୍ର ନର୍ମାତା ପୋଷ୍ଟର ସହ ଏହାର ଟାଇଟଲ ମଧ୍ୟ ଘୋଷଣା କରିଛନ୍ତି। ଦକ୍ଷିଣ ଭାରତୀୟ ଅଭିନେତ୍ରୀ ରଶ୍ମିକା ମନ୍ଦାନା ତାଙ୍କ ଆଗାମୀ ଫିଲ୍ମର ପୋଷ୍ଟର ଇନଷ୍ଟାଗ୍ରାମରେ ଶେୟାର କରିଛନ୍ତି। ଏଥିରେ ଅଭିନେତ୍ରୀଙ୍କ ପ୍ରଥମ ଲୁକ୍ ସାମ୍ନାକୁ ଆସିଛି, ଯେଉଁଥିରେ ସେ ହାତରେ ଅସ୍ତ୍ର ଧରିଛନ୍ତି। ଏଥିସହ ଅଭିନେତ୍ରୀଙ୍କ ମୁହଁ ରକ୍ତ ଜୁଡୁବୁଡୁ ହୋଇଥିବା ଏବଂ ତାଙ୍କ ଆଖିରେ କ୍ରୋଧର ଜ୍ୱାଳା ଦେଖିବାକୁ ମିଳିଛି। ଗୁରୁବାର ମଧ୍ୟ ରଶ୍ମିକା ଫିଲ୍ମର ଏକ ପୋଷ୍ଟର ଶେୟାର କରିଥିଲେ, ଯେଉଁଥିରେ ସେ ହାତରେ ଅସ୍ତ୍ର ଧରି ଠିଆ ହୋଇଥିଲେ। ଏଥିସହ ଫିଲ୍ମର ନାମ ଆଜି ଘୋଷଣା ହେବ ବୋଲି ସୂଚନା ଦେଇଥିଲେ। ପୋଷ୍ଟର ଶେୟାର କରି ରଶ୍ମିକା କ୍ୟାପ୍ସନରେ ଲେଖିଛନ୍ତି, ମୁଁ ସର୍ବଦା ଆପଣମାନଙ୍କୁ କିଛି ନୂଆ ଦେବାକୁ ଚେଷ୍ଟା କରେ। କିଛି ଭିନ୍ନ, ରୋମାଞ୍ଚକର ଏବଂ ଏହା ତା' ମଧ୍ୟରୁ ଗୋଟିଏ। ଏପରି ଏକ ଚରିତ୍ର ଯେଉଁଥିରେ ମୁଁ ପୂର୍ବରୁ କେବେ ଅଭିନୟ କରିନାହିଁ, ଏପରି ଏକ ଦୁନିଆ ଯେଉଁଥିରେ ମୁଁ କେବେ ପାଦ ଦେଇନାହିଁ ଏବଂ ମୋର ଏଭଳି ଏକ ରୂପ ଯାହାକୁ ମୁଁ ମଧ୍ୟ ପୂର୍ବରୁ କେବେ ଭେଟି ନଥିଲି। ଏହା ଅତ୍ୟନ୍ତ ତୀବ୍ର ଓ ଭୟଙ୍କର, ସେଥିପାଇଁ ମୁଁ ସାମାନ୍ୟ ଅଧୀର, କିନ୍ତୁ ବହୁତ ଉତ୍ସାହିତ ମଧ୍ୟ ଅଛି। ଏହି ପୋଷ୍ଟର ରିଲିଜ୍ କରି ଫିଲ୍ମ ନିର୍ମାତାମାନେ ଏହାର ଟାଇଟଲ ମଧ୍ୟ ଘୋଷଣା କରିଛନ୍ତି। ରଶ୍ମିକା ମନ୍ଦାନାଙ୍କ ଏହି ଆଗାମୀ ଫିଲ୍ମର ନାମ 'ମାଏସା'। ରବିନ୍ଦ୍ର ପୁଲେ ଏହି ଫିଲ୍ମର ନିର୍ଦ୍ଦେଶନା ଦେଉଥିବାବେଳେ ଅଜୟ ଏବଂ ଅନିଲ ସୟାପୁରେଡ୍ଡୀ ପ୍ରଯୋଜନା ଭାର ବହନ କରିଛନ୍ତି। ଚଳଚ୍ଚିତ୍ରକୁ ୪ଟି ଭାଷାରେ ମୁକ୍ତିଲାଭ କରାଯିବ। ଏବେ ଦର୍ଶକ 'ମାଏସା'ର ମୁକ୍ତିଲାଭ ତାରିଖ ଘୋଷଣା ଅପେକ୍ଷାରେ ରହିଛନ୍ତି।

# ଅଜୟ ଦେବଗନଙ୍କ ଫିଲ୍ମ 'ସନ୍ ଅଫ୍ ସର୍ଦ୍ଦାର ୨' ଟିଜର ଆଉଟ୍




ମୁମ୍ବାଇ, ୨୭।୬ (ହି.ସ): ଅଜୟ ଦେବଗନଙ୍କ ଆଗାମୀ ଫିଲ୍ମ 'ସନ୍ ଅଫ୍ ସର୍ଦ୍ଦାର-୨'ର ଏକ ନୂତନ ଟିଜର ରିଲିଜ୍ ହୋଇଛି। ଯେଉଁଥିରେ ଫିଲ୍ମର ସମସ୍ତ ମୁଖ୍ୟ କଳାକାରଙ୍କ ଏକ ଝଲକ ଦେଖିବାକୁ ମିଳିଛି। ଏଥିରେ ମୃଣାଲ ଠାକୁର, ରବି କିଶନ, ସଞ୍ଜୟ ମିଶ୍ର, ବିନ୍ଦୁ ଦାରା ସିଂହ, ନୀରୁ ବାଜୱା, ଅଶ୍ୱିନୀ କାଲସେକର ଏବଂ କୁବ୍ରା ସୈତ ମଧ୍ୟ ସାମିଲ ଅଛନ୍ତି। ଏମାନଙ୍କ ବ୍ୟତୀତ ଦିବଂଗତ ଅଭିନେତା ମୁକୁଲ ଦେବଙ୍କ ଏକ ଝଲକ ମଧ୍ୟ ଦେଖାଯାଇଛି। ଅଜୟ ଦେବଗନ ତାଙ୍କ ଅଫିସିଆଲ୍ ସୋସିଆଲ ମିଡିଆ ହ୍ୟାଣ୍ଡେଲରେ 'ସନ୍ ଅଫ୍ ସର୍ଦ୍ଦାର ୨'ର ଟିଜର ସେୟାର କରିଛନ୍ତି। ଏଥିସହ କ୍ୟାପସନରେ ଲେଖିଛନ୍ତି, 'ସର୍ଦ୍ଦାରଙ୍କ ପ୍ରବେଶ ପାଇଁ କାଉଣ୍ଟଡାଉନ୍ ଆରମ୍ଭ ହେଉଛି। ସର୍ଦ୍ଦାର ଆଣ୍ଡ୍ କମ୍ପାନୀର ପାଗଳାମିକୁ ସ୍ୱାଗତ। ଏହି ୨୫ ଜୁଲାଇରେ ଥିଏଟରରେ ସନ୍ ଅଫ୍ ସର୍ଦ୍ଦାର ୨।' ୨୦୧୨ ମସିହାର ହିଟ୍ ଫିଲ୍ମ 'ସନ୍ ଅଫ୍ ସର୍ଦ୍ଦାର'ର ସିକ୍ୱେଲରେ ଅଜୟ ଦେବଗନ୍ 'ଜସ୍ସି' ଭୂମିକାରେ ପୁନର୍ବାର ଅଭିନୟ କରୁଛନ୍ତି। ସିକ୍ୱେଲରେ ତାଙ୍କ ବିପକ୍ଷରେ ମୃଣାଲ୍ ଠାକୁର ମୁଖ୍ୟ ଅଭିନେତ୍ରୀ ଭୂମିକାରେ ନଜର ଆସିବେ। କିନ୍ତୁ ଏହି ସିନେମା ମୁହୂର୍ତ୍ତରେ ଏକ ଭାବପ୍ରବଣ ମୁହୂର୍ତ୍ତ ଯୋଡିଥାଏ ସ୍ୱର୍ଗତ ମୁକୁଲ ଦେବଙ୍କ ଉପସ୍ଥିତି। ମୁକୁଲଙ୍କ ମୃତ୍ୟୁ ୨୩ ମଇ ୨୦୨୫ରେ ହୋଇଥିଲା। ଅଜୟ ଦେବଗନଙ୍କ ଏହି କମେଡି ଫିଲ୍ମ ରୂପା ପରଦାରେ ମୁକୁଲଙ୍କ ଶେଷ ଫିଲ୍ମ। ଅଜୟ ଦେବଗନ୍ ତାଙ୍କର ପ୍ରସିଦ୍ଧ ଚରିତ୍ର 'ଜସ୍ସି'କୁ ପୁନର୍ବାର ପ୍ରଦର୍ଶନ କରିଛନ୍ତି, ଯେତେବେଳେ ମୃଣାଲ୍ ଠାକୁର ତାଙ୍କ ପ୍ରେମିକା 'ରାବିଆ' ଭୂମିକାରେ ଅଭିନୟ କରିଛନ୍ତି। ଫିଲ୍ମଟି ସ୍ୱର୍ଗତ ଅଭିନେତା ମୁକୁଲ ଦେବଙ୍କ ଏକ ଝଲକ ଦେଖିବାକୁ ମିଳିଛି, ଯିଏ ଫିଲ୍ମରେ 'ଟୋନି' ଚରିତ୍ରରେ ଅଭିନୟ କରିଛନ୍ତି। ଟିଜରଟି ଆକ୍ସନ, କମେଡି, ରୋମାନ୍ସରେ ପରିପୂର୍ଣ୍ଣ। ଟିଜରର ପୃଷ୍ଠଭୂମିରେ 'ସନ୍ ଅଫ୍ ସର୍ଦ୍ଦାର'ର ପ୍ରସିଦ୍ଧ ଟାଇଟଲ୍ ଗୀତ ମଧ୍ୟ ଶୁଣିବାକୁ ମିଳୁଛି। ତେବେ 'ସନ ଅଫ୍ ସର୍ଦ୍ଦାର' ୨୦୧୨ରେ ମୁକ୍ତିଲାଭ କରିଥିଲା, ଯେଉଁଥିରେ ସୋନାକ୍ଷୀ ସିହ୍ନା ଅଜୟ ଦେବଗନଙ୍କ ନାୟିକା ଭୂମିକାରେ ଅଭିନୟ କରିଥିଲେ।

କାର୍ଯ୍ୟନିର୍ବାହୀ ସମ୍ପାଦକ-ସିମାଞ୍ଚଳ ପଟ୍ଟନାୟକ
Executive Editor-Simanchall Pattnaik
Printed and Published by Dr. Akshaya Kumar Patnaik, On behalf of<Dumani Infrastructure Pvt. Ltd., Published at Plot No. 753/1944, Raghunathpur Jali, Nandan Kanan Road, Bhubaneswar, 751024<&<Printed at Gayatri Industries, TS-3/193, Mancheswar Ind. Estate, Bhubaneswar-751010, Email : dumanikhabar2020@gmail.com, dumanikhabar.advt@gmail.com
Phone-0674-2975387
Mob: 9090962011
ସଂପାଦକ - ଡ. ଅକ୍ଷୟ କୁମାର ପଟ୍ଟନାୟକ
Editor - Dr.Akshaya Kumar Patnaik